RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -279 | ସଂଖ୍ୟା-୨୭୯
ଭୁବନେଶ୍ୱର, ବୁଧବାର ୨୧ ଜାନୁଆରୀ ୨୦୨୬
Bhubaneswar, Wednesday 21 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ହାଇଦ୍ରାବାଦ ଓ କୋଲକାତା ନିବେଶକ ସମ୍ମିଳନୀ ସଫଳ

## ଓଡ଼ିଶାର ପାରମ୍ପରିକ ଶିଳ୍ପ ରଣନୀତି ନୂତନ ଯୁଗର କ୍ଷେତ୍ରକୁ ସ୍ଥାନାନ୍ତରିତ

## ଦୁଇ ସହରରେ ୬ ଗୋଲଟେବୁଲ ଆଲୋଚନା

## ୧,୬୭,୦୦୦ କୋଟି ନିବେଶ, ୧,୪୬,୦୦୦ ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର,୨୦।୧(ନି.ପ୍ର.):** ପାରମ୍ପାରିକ ଭାବରେ ସମ୍ବଳ-ଚାଳିତ ଅର୍ଥନୀତିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଶକ୍ତି କେନ୍ଦ୍ର ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ଦ୍ରୁତ ଗତି ପାଉଛି, କାରଣ ରାଜ୍ୟ ନୂତନ ଯୁଗ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ କ୍ଷେତ୍ରଗୁଡ଼ିକ ଉପରେ ଏହାର ରଣନୈତିକ ଧ୍ୟାନକୁ ତୀକ୍ଷ୍ଣ କରୁଛି। 'ଯିହି ସମୟ ହାଏ, ସହି ସମୟ ହାଏ। ନୂତନ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ନିବେଶକମାନଙ୍କୁ ଆମେ ସ୍ୱାଗତ କରୁଛୁ। ଆସନ୍ତୁ ଏବଂ ଓଡ଼ିଶାରେ ନିବେଶ କରନ୍ତୁ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଅର୍ଥନୀତିର ଅଂଶ ହୁଅନ୍ତୁ,' କୋଲକାତା ରୋଡ୍ ସୋର ସଫଳତା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

'ଇସ୍ପାତ, ଖଣି ଏବଂ ଭାରୀ ଶିଳ୍ପରେ ଏହାର ଦୃଢ଼ ଭିତ୍ତିଭୂମି ପାଇଁ ପାରମ୍ପରିକ ଭାବରେ ଜଣାଶୁଣା ଓଡ଼ିଶା, ଏବେ ଆଇଟି ଏବଂ ଆଇଟିଇଏସ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ହୋଜିରୀ, ପୋଷାକ ଆସେସୋରିଜ୍ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ, ଧାତୁ ଆନସିଲାରୀ, ଡାଉନଷ୍ଟ୍ରିମ୍ ଏବଂ ଇଞ୍ଜିନିୟରିଂ ସାମଗ୍ରୀ, ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ, ପ୍ୟାକେଜିଂ ଏବଂ ପୁନଃଚକ୍ରଣ, ଔଷଧ, ଚିକିତ୍ସା ଉପକରଣ ଏବଂ ବାୟୋଟେକ୍ନୋଲୋଜି ଭଳି ଆଧୁନିକ ଏବଂ ଉଚ୍ଚ-ବିକାଶ କ୍ଷେତ୍ରଗୁଡ଼ିକରେ ନିରନ୍ତର ବିସ୍ତାର କରୁଛି, ଯାହା ଏହାର ଅଭିବୃଦ୍ଧି ପଥକୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆଣିଛି।

ଏହି ରଣନୈତିକ ପରିବର୍ତ୍ତନ ଡିସେମ୍ବର ୨୦୨୫ ଏବଂ ଜାନୁଆରୀ ୨୦୨୬ ରେ ହାଇଦ୍ରାବାଦରେ ଅନୁଷ୍ଠିତ ଓଡ଼ିଶା ନିବେଶକଙ୍କ ବୈଠକ ସମୟରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା, ଯାହା ଉଦୀୟମାନ କ୍ଷେତ୍ରଗୁଡ଼ିକରେ ରାଜ୍ୟର ବିପୁଳ ସମ୍ଭାବନାକୁ ପ୍ରଦର୍ଶନ କରିଥିଲା। ଏହି ନିବେଶକ ପାରସ୍ପରିକ ଆଲୋଚନା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା, ଯାହା ଭବିଷ୍ୟତର ଶିଳ୍ପ ଏବଂ ଆର୍ଥିକ ସୁଯୋଗ ସହିତ ସମନ୍ୱୟ ରଖିବା ପାଇଁ ରାଜ୍ୟର ପ୍ରସ୍ତୁତିକୁ ଦୃଢ଼ କରିଥିଲା।' 'ଏହି ପ୍ରସାରର ଅଂଶ ସ୍ୱରୂପ, ହାଇଦ୍ରାବାଦ ଏବଂ କୋଲକାତାରେ ଛଅଟି କ୍ଷେତ୍ର-ନିର୍ଦ୍ଦିଷ୍ଟ ଗୋଲଟେବୁଲ ଆଲୋଚନା କରାଯାଇଥିଲା। ହାଇଦ୍ରାବାଦରେ, ଔଷଧ ଏବଂ ମହାକାଶ ଏବଂ ପ୍ରତିରକ୍ଷା ଉପରେ ଧ୍ୟାନ ଦେଇ ଦୁଇଟି ଗୋଲଟେବୁଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୋଲକାତାରେ, କ୍ଷେତ୍ରଗତ ଆଲୋଚନା ହୋଜିରୀ, ପୋଷାକ ଆସେସୋରିଜ୍ ଏବଂ ବୈଷୟିକ ବୟନ; ଧାତୁ ସହାୟକ, ଡାଉନଷ୍ଟ୍ରିମ୍ ଏବଂ ଇଞ୍ଜିନିୟରିଂ ସାମଗ୍ରୀ; ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ, ପ୍ୟାକେଜିଂ ଏବଂ ପୁନଃଚକ୍ରଣ; ଏବଂ ଔଷଧ, ଚିକିତ୍ସା ଉପକରଣ ଏବଂ ବାୟୋଟେକ୍ନୋଲୋଜିକୁ ଆବୃତ କରିଥିଲା।' 'ଏହି ଗୋଲଟେବୁଲ ଆଲୋଚନାରେ ମୋଟ ୧୨୩ ଜଣ କମ୍ପାନୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଭୟ ସହରରେ ଏହି ସହଯୋଗୀ କାର୍ଯ୍ୟ ମାଧ୍ୟମରେ, ଓଡ଼ିଶା ୧,୬୭,୦୦୦ କୋଟି ଟଙ୍କାର ନିବେଶ ସୁରକ୍ଷିତ କରିଥିଲା, ଯାହା ୧,୪୬,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ସହିତ।

'ବ୍ୟବସାୟ ନେତାମାନଙ୍କ ଦ୍ୱାରା ଦେଖାଯାଇଥିବା ଦୃଢ଼ ଆଗ୍ରହ ସୁଯୋଗର ଏକ ଶକ୍ତିଶାଳୀ ଗତି ସୃଷ୍ଟି କରିଛି। ଏହି ବର୍ଦ୍ଧିତ ଆତ୍ମବିଶ୍ୱାସ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରିତ, ନିର୍ଣ୍ଣାୟକ ଏବଂ ସଂସ୍କାର-ମୁଖୀ ନେତୃତ୍ୱର ପ୍ରଭାବକୁ ପ୍ରତିଫଳିତ କରେ, ଯାହା ଓଡ଼ିଶାକୁ ଏକ ପସନ୍ଦିତ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରୁଛି।' 'ପୂର୍ବୋଦୟର ଜାତୀୟ ଦୃଷ୍ଟିକୋଣ ସହିତ ସଂଲଗ୍ନ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ହେବା ଓଡ଼ିଶାର ଲକ୍ଷ୍ୟ, ଏବଂ ଏଥିରେ ଯୋଗଦାନ '୨୦୪୭ ସୁଦ୍ଧା ରାଜ୍ୟ ସ୍ପଷ୍ଟତା ଏବଂ ଆତ୍ମବିଶ୍ୱାସ ସହିତ ନୂତନ ଯୁଗର କ୍ଷେତ୍ର କ୍ଷେତ୍ରରେ ପ୍ରବେଶ କରିଛି।'

ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଚିନ୍ତାଧାରା ଏବଂ ନବସୃଜନ ଠାରୁ ଆରମ୍ଭ କରି କାର୍ଯ୍ୟାନ୍ୱୟନ, ଉତ୍ପାଦନ, ଲଜିଷ୍ଟିକ୍ସ ଏବଂ ପରିବହନ ପର୍ଯ୍ୟନ୍ତ ନୂତନ ଶିଳ୍ପର ବିକାଶ ପାଇଁ ଆବଶ୍ୟକ ସମସ୍ତ ଆବଶ୍ୟକୀୟ ଉପାଦାନ ପ୍ରଦାନ କରେ। ବିଶ୍ୱସ୍ତରୀୟ ସଂଯୋଗୀକରଣ ପାଇଁ, ଓଡ଼ିଶା ପାରାଦୀପ, ଧାମରା, ଗୋପାଳପୁର, ବାହୁଡା ଏବଂ ଇଞ୍ଚୁଡି-ସୁବର୍ଣ୍ଣରେଖାରେ ପ୍ରମୁଖ ବନ୍ଦର ପରିଚାଳନା କରେ। ରାଜ୍ୟ ସମଗ୍ର ଓଡ଼ିଶାରେ ବିମାନବନ୍ଦର ମାଧ୍ୟମରେ ପ୍ରଚୁର ବିମାନ ସଂଯୋଗୀକରଣ ମଧ୍ୟ ପ୍ରଦାନ କରେ, ଯାହା ସୁଦୃଢ଼ ସଡ଼କ ଭିତ୍ତିଭୂମି ଦ୍ୱାରା ସମର୍ଥିତ।''ସଂଗଠିତ ଶିଳ୍ପ ପାର୍କ, ଗଚ୍ଛଗର ପାର୍କ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରଗୁଡ଼ିକ ନିବେଶକମାନଙ୍କୁ ସେମାନଙ୍କର ବ୍ୟବସାୟକୁ ଦକ୍ଷତାର ସହିତ ଆରମ୍ଭ ଏବଂ ବୃଦ୍ଧି କରିବା ପାଇଁ ପ୍ଲଗ୍-ଏଣ୍ଡ୍-ପ୍ଲେ ସୁବିଧା ପ୍ରଦାନ କରେ।''ଉଦୀୟମାନ କ୍ଷେତ୍ରଗୁଡ଼ିକରେ ଦକ୍ଷ ମାନବଶକ୍ତିର ଗୁରୁତ୍ୱକୁ ସ୍ୱୀକାର କରି, ଓଡ଼ିଶା ସରକାର ଭୁବନେଶ୍ୱର, ସମ୍ବଲପୁର ଏବଂ ବ୍ରହ୍ମପୁରରେ ଆହୁରି ୩ଟି ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରିବେ, ଯାହା କ୍ଷେତ୍ର-ସନ୍ତୁଳିତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟି ସୁନିଶ୍ଚିତ କରିବ।''ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଅଂଶୀଦାର ହେବାକୁ ନିବେଶକମାନଙ୍କୁ ଆମନ୍ତ୍ରଣ କରି, ମୁଖ୍ୟମନ୍ତ୍ରୀ ଶିଳ୍ପ ନେତାମାନଙ୍କୁ 'ଓଡ଼ିଶା ଆସ ଏବଂ ଏହି ସଫଳତା କାହାଣୀର ଏକ ଅଂଶ ହୁଅ' ବୋଲି ତାଙ୍କର ଆହ୍ୱାନ ପୁନର୍ବାର ଦୋହରାଇଲେ।

# ଏପ୍ରିଲ ୧୬ରୁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର,୨୦।୧(ନି.ପ୍ର.): ଓଡ଼ିଶାରେ ଏପ୍ରିଲ୍ ୧୬ରୁ ପ୍ରଥମ ପର୍ଯ୍ୟାୟ ଜନଗଣନା। ଏପ୍ରିଲ୍ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା। ପ୍ରଥମ ପର୍ଯ୍ୟାୟରେ ୩୦ ଦିନ ଧରି ଚାଲିବ ଘର ଗଣନା। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ୨୦୨୭ ମସିହା ଫେବ୍ରୁଆରି ମାସରେ ହେବ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ। ତେବେ ମିଳିଥିବା ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପାତ୍ର ଗଣନା ହେବ। ଆଉ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା। ଏଥିପାଇଁ ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ।

ଯୋଜନା ଅନୁଯାୟୀ, ଜଣେ ଗଣନାକାରୀ ପ୍ରାୟ ୨୦୦ ପରିବାରର ଦାୟିତ୍ୱ ନେବେ ଏବଂ ୬ ଜଣ ଗଣନାକାରୀଙ୍କ କାର୍ଯ୍ୟକୁ ଜଣେ ସୁପରଭାଇଜର ତଦାରଖ କରିବେ। ପ୍ରତି ଗଣନାକାରୀଙ୍କୁ ସେମାନଙ୍କ ସେବା ପାଇଁ ୨୫,୦୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ, ଓ୍ୱେବସାଇଟ ଜରିଆରେ ପଞ୍ଜିକୃତ ମଧ୍ୟ କରିପାରିବେ। ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନ ସଟ ମଧ୍ୟ ନେଇପାରିବେ ନାହିଁ ୟୁଜର୍ସ।

ରାଜ୍ୟରେ ଜନଗଣନା ପାଇଁ ୬ ମାସ ଆଗରୁ ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ଭୁବନେଶ୍ୱର କଟକରେ ପ୍ରି-ଟେଷ୍ଟ ସରିଛି। ନୂଆ ଘୋଷଣା ହୋଇଥିବା ଏନଏସି ଏବଂ ପୌରପାଳିକା ବାଉଣ୍ଡ୍ରି ଫାଇନାଲ୍ ହୋଇଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ତେବେ ମିଳିଥିବା ସୂଚନା ଅନୁସାରେ, ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀଙ୍କୁ ଏହି ଗଣନା କାର୍ଯ୍ୟରେ ନିଯୁକ୍ତ କରାଯିବ।

# ଅଗ୍ନିକାଣ୍ଡ ପାଇଁ ୧ ନଂ ହାଟ ବନ୍ଦ

ଭୁବନେଶ୍ୱର,୨୦।୧(ନି.ପ୍ର.): ରାଜଧାନୀର ପ୍ରମୁଖ ଜନ ଗହଳିପୂର୍ଣ୍ଣ ୧ ନଂ ହାଟରେ ନିଆଁ ଲାଗି ସବୁ କିଛି ଧ୍ୱଂସ ହୋଇଯାଇଛି । ନିଆଁ ବ୍ୟାପିବାର ପ୍ରମୁଖ କାରଣ ପ୍ଲାଷ୍ଟିକ୍ ଥିଲା ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି । ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହୋଇସାରିଛି ।



ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରାଣା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଅତ୍ୟଧିକ ପ୍ଲାଷ୍ଟିକ ବ୍ୟବହାର ନେଇ ମେୟର କ୍ଷୋଭ ପ୍ରକାଶ କରିଛନ୍ତି । ସେହିପରି କମିଶନର କହିଛନ୍ତି ଯେ ଯାଞ୍ଚ ବେଳେ ବାରମ୍ବାର ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସ୍ଆରସି ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା । ତଥାପି କିଛି ଦୋକାନୀ ନିୟମ ଉଲ୍ଲଂଘନ କରି ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି । ତେବେ ନିଆଁ ଲାଗି ୪୦ରୁ ଊର୍ଦ୍ଧ୍ୱ ଦୋକାନ ଜଳି ଯାଇଛି । ସ୍ୱତନ୍ତ୍ର ଜରୁରୀକାଳୀନ ଟିମ୍ ଏବଂ ତହସିଲର ଦୁଇଟି ଟିମ୍ କ୍ଷୟକ୍ଷତିର ଆକଳନ ଆରମ୍ଭ କରିଛନ୍ତି । ଖୁବ ଶୀଘ୍ର କ୍ଷୟକ୍ଷତିର ଆକଳନ ହୋଇଯିବ । ହାଟର ନବୀକରଣ କାର୍ଯ୍ୟ ଜାରି ରହିଥିବାରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ପାଇଁ ଏସଆରସି ଅର୍ଥ ମଞ୍ଜୁର କରିସାରିଛନ୍ତି । ଗୋଟେ ମାସ ଭିତରେ ଡିପିଆର୍ ପ୍ରସ୍ତୁତ ହୋଇ ଟେଣ୍ଡର୍ କରାଯିବ ।

ଏହା ସହିତ ଯେଉଁମାନେ ବେଆଇନ ଭାବେ ପାଲ ଟାଣି ଦୋକାନ କରିଛନ୍ତି, ସେମାନଙ୍କୁ ଗୋଟିଏ ଦୁଇ ଦିନ ମଧ୍ୟରେ ଉଚ୍ଛେଦ କରାଯିବ । ଏହି ସହିତ ଏମାନଙ୍କ ବିରୁଦ୍ଧରେ ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟବସାୟୀ ସଂଘକୁ କଡ଼ା ଚେତାବନୀ ଦେଇଛନ୍ତି ।

ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ୟୁନିଟ ୧ ହାଟର ଗୋଟିଏ ଦୋକାନରେ ନିଆଁ ଲାଗିଥିଲା। ଏହା ପରେ ଆଖି ପିଛୁଳାକେ ନିଆଁ ବ୍ୟାପିଯାଇଥିଲା । ତୁରନ୍ତ ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ନିଆଁର ଭୟାବହତା ଦେଖି ରାଜଧାନୀର ଅନେକ ଫାୟାର ଷ୍ଟେସନରୁ ଦମକଳ ଗାଡ଼ି ପହଁଚିଥିଲା । କଳ୍ପନା, ତମାଣ୍ଡୋ, ସଚିବାଳୟ, ଚନ୍ଦ୍ରଶେଖରପୁର, ବାଲିପାଟଣା ଓ ପାହାଳ ଦମକଳବାହିନୀ ସହ ସେଣ୍ଟ୍ରାଲ୍ ଷ୍ଟ୍ରାଇକ୍ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ । ପ୍ରାୟ ୭୦ ଜଣ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ।

# ନବୀନ ନିବାସରେ ବଡ ବୈଠକ

ଭୁବନେଶ୍ୱର,୨୦।୧(ନି.ପ୍ର.): ବିଜେଡିରେ ପୁଣି ହଲଚଲ । କାରଣ ନବୀନ ନିବାସରେ ଦଳର ବଡ ବୈଠକ ବସିଛି । ଏହି ବୈଠକରେ ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନାଙ୍କ ସମେତ ବରିଷ୍ଠ ନେତା ଉପସ୍ଥିତ ରହିଛନ୍ତି । ନିକଟରେ ଦଳ ଦୁଇ ଜଣ ସିଟିଂ ବିଧାୟକଙ୍କୁ ନିଲମ୍ବନ କରିବା ପରେ ଦଳରେ କମ୍ପନ ସୃଷ୍ଟି ହୋଇଥିଲା । ଦୁଇ ବିଧାୟକ



ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କୁ ନିଲମ୍ବନ କରାଯିବା ପରେ ଆଜି ନବୀନ ନିବାସରେ ଏହି ବଡ ବୈଠକ ଅନୁଷ୍ଠିତ ହୋଇଛି ।

ସେପଟେ ବୈଠକ ପରେ ପ୍ରୀତିରଞ୍ଜନ ଘଡାଇ ବିସ୍ଫୋରକ ବୟାନ ଦେଇଛନ୍ତି । ସେ କହିଛନ୍ତି ଯାଜପୁରରେ ବଡ ନେତା ହେଲେ ଜନତା, ଉପଯୁକ୍ତ ଦାୟିତ୍ୱ ନେବା ସମୟ ଆସିଛି । ନୂଆ ନେତୃତ୍ୱ ଚାହୁଁଛନ୍ତି ଜନତା, ନଚେତ ପଞ୍ଚାୟତ ନିର୍ବାଚନରେ ପ୍ରଭାବ ପଡିବ । ଗଣତନ୍ତ୍ରରେ ଜନସାଧାରଣ ହେଲେ ଆମ ମାଲିକ, ଭୋଟର ଆମ ଭଗବାନ । ଭୋଟରଙ୍କୁ ସମ୍ମାନ ଦେଇ ତାଙ୍କ ଆଶା ନେଇ କାମ କରିବାକୁ ପଡିବ । ଯେଉଁମାନେ ନିଜକୁ ବାଘ କହୁଥିଲେ, ସେମାନେ ଭୋଟରଙ୍କ ପାଖରେ କାଗଜ ବାଘ ହୋଇଛନ୍ତି ।

# ୮୦୦ ଅବସରପ୍ରାପ୍ତ ପୁଲିସଙ୍କ ପୁନଃନିଯୁକ୍ତି

ଭୁବନେଶ୍ୱର,୨୦।୧(ନି.ପ୍ର.) ରାଜ୍ୟ ସରକାର ୮୦୦ ଅବସରପ୍ରାପ୍ତ ପୁଲିସଙ୍କୁ ମିଳିବ ପୁନଃନିଯୁକ୍ତି। ଅବସରପ୍ରାପ୍ତ ଏଏସ୍ଆଇ/ଏସ୍ଆଇ/ଇନ୍ସପେକ୍ଟରଙ୍କୁ ଏହି ନିଯୁକ୍ତି ମିଳିବ। ସେମାନେ ସ୍ପସାଲ୍ ପୁଲିସ ଅଫିସର(ଏସ୍ପିଓ) ଭାବେ କାର୍ଯ୍ୟ କରିବେ। ୧ ବର୍ଷ ପାଇଁ ଠିକା ଭିତ୍ତିରେ ସେମାନଙ୍କୁ ନିଯୁକ୍ତି ମିଳିବ। ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।



ଏହି ଚିଠିରେ ଦର୍ଶାଯାଇଛି, ଯେଉଁ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ, ସେମାନଙ୍କ ବୟସ ୬୫ ବର୍ଷରୁ କମ୍ ହୋଇଥିବ। ସେମାନଙ୍କ ସିସିଆର୍ ବେଶ୍ ଭଲ ଥିବ। ଏହି ଅଧିକାରୀମାନେ ନିଜ ସରକାରୀ କ୍ୱାର୍ଟର୍ସ ପୂର୍ବରୁ ଖାଲି କରି ସାରିଥିବା ଆବଶ୍ୟକ। ଏହି ଅବସରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଚାକିରି କାଳରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିବ। ଏହି ଅଧିକାରୀଙ୍କୁ ନିଯୁକ୍ତ କରିବା ନେଇ ପୋଲିସ ମହାନିର୍ଦ୍ଦେଶକ ଏକ ଚୟନ କମିଟି ଗଠନ କରିବେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପୁନଃନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗର ଗାଇଡ୍‌ଲାଇନ ପାଳନ କରାଯିବ। ଗୋଟିଏ ପଟେ ସରକାର ଅବସର ପରେ ନିଯୁକ୍ତିକୁ ମନା କରୁଥିଲା ବେଳେ ପୁଲିସ ବିଭାଗ ପରି ଏକ ସମ୍ବେଦନଶୀଳ ବିଭାଗରେ ଏକାଥରେ ୮୦୦ ଅବସରପ୍ରାପ୍ତଙ୍କୁ ଥଇଥାନ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପୁନଃନିଯୁକ୍ତି ପାଇବାକୁ ଥିବା ପୁଲିସ ଅଧିକାରୀ ଚାକିରି ସମୟରେ ସେମାନଙ୍କ ସର୍ଭିସ୍ ରେକର୍ଡ ଭଲ ଥିବ ଓ ଶାରୀରିକ ଭାବେ ଫିଟ୍ ହୋଇଥିବେ। ଅବସର ପୂର୍ବର ୫ ବର୍ଷରେ ତାଙ୍କର ସିସିଆର୍ ଭଲ ଥିବ। ସେମାନଙ୍କ ବିରୋଧରେ କେଣସି ଅପରାଧିକ ମାମଲା ନଥିବ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରି ନଥିବେ।

# ନିତିନ ନବୀନ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୦।୧: ନିତିନ ନବୀନ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି(ବିଜେପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଜେପିରେ ନୀତିନ ଯୁଗ ଆରମ୍ଭ, ପଦଭାର ଗ୍ରହଣ କରିଛନ୍ତି। ନିତିନ ନବୀନ ଅଧ୍ୟକ୍ଷ ହେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦିଲ୍ଲୀ ସ୍ଥିତ ପାର୍ଟି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପିଏମ ମୋଦୀ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି, ବିଜେପି ପ୍ରକ୍ରିୟାରେ ପରିଚାଳିତ ହୁଏ । ଆଜି ନିତିନ ନବୀନ ଆମର ଅଧ୍ୟକ୍ଷ। ଆମର ଏଠାରେ ମେମ୍ବରସିପଠୁ ଅଧିକ ରିଲେସନସିପ ଚାଲିଥାଏ । ଆମେ ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ପରି ରାଜ୍ୟରେ ବଡ ସ୍ୱର ହୋଇ ଆଗକୁ ଆସିଛନ୍ତି । ଆମ ପାଇଁ ସର୍ବଦା ସେବା ହିଁ ସର୍ବୋପରି । କ୍ଷମତା ଏଥିପାଇଁ ମାତ୍ର ଏକ ମାଧ୍ୟମ । ଏଥିପାଇଁ ଆମର ଷ୍ଟ୍ରାଇକ ରେଟ୍ ବହୁତ ଅଧିକ ରହିଛି ।

ପିଏମ ମୋଦୀ କହିଛନ୍ତି, ଏବେ ତ ଆମେ ନଗର ନିଗମରେ ପ୍ରଥମ ପସନ୍ଦ । ବିଜେପି ମହାରାଷ୍ଟ୍ରର ନଗର ନିଗମ ନିର୍ବାଚନରେ ସବୁଠୁ ବଡ ପାର୍ଟି ଭାବେ ସାମ୍ନାକୁ ଆସିଛି। ପିଏମ ମୋଦି ସବୁ ନେତାଙ୍କୁ ସନ୍ଦେଶ ଦେଇ କହିଛନ୍ତି, ଆଜିଠୁ ନିତିନ ନବୀନ ମୋର ବୋସ । ଏହିପରି ସେ ପୂରା ବିଜେପିକୁ ସନ୍ଦେଶ ଦେଇଛନ୍ତି ଯେ, ନିତିନ ନବୀନ ହିଁ ପାର୍ଟିର ନୂଆ ମୁଖିଆ । ଏଥିପାଇଁ ପ୍ରତ୍ୟେକ ନେତା ତାଙ୍କ ସମ୍ମାନ କରିବା ଉଚିତ । ନୂଆ ନେତାଙ୍କ ପାଇଁ ବିଜେପି ଏକ ମଞ୍ଚ । ଆମର ଅଧ୍ୟକ୍ଷ ସବୁଠୁ ଯୁବ ଏବଂ ଉର୍ଜାରେ ଭରି ରହିଛି ।

ସେ କହିଛନ୍ତି, ମୁଁ ଆଜି ସମୟର ଯୁବକଙ୍କ କଥା କହିଲେ ନିତିନି ନବୀନ ନିଜେ ଜଣେ ମିଲେନିୟର । ମୁଁ ସେହି ପିଢିର



ଯିଏ ଭାରତରେ ବଡ ଆର୍ଥିକ, ସାମାଜିକ ଓ ବୈଷୟିକ ପରିବର୍ତ୍ତନକୁ ଦେଖିଛି । ଆଉ ନିତିନ ନବୀନ ସେହି ପିଢିର ଯିଏ ରେଡିଓ ଶୁଣୁଥିଲେ ଏବଂ ଆଜି ଏଆଇର ସକ୍ରିୟ ୟୁଜର ମଧ୍ୟ । ତାଙ୍କ ପାଖରେ ଉର୍ଜା ବି ରହିଛି ଏବଂ ସଂଗଠନରେ କାମ କରିବାର ଲମ୍ବା ଅନୁଭବ ରହିଛି । ଆମ ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ପାଇଁ ବହୁତ ଉପଯୋଗୀ ହେବ ।

# ସୁନ୍ଦରଗଡ଼ ହିଂସା, ଥାନାଧିକାରୀ ନିଲମ୍ବିତ

ସୁନ୍ଦରଗଡ଼,୨୦।୧(ନି.ପ୍ର.): ସୁନ୍ଦରଗଡ ଗୋଷ୍ଠୀ ସଂଘର୍ଷ ଘଟଣାରେ ବଡ କାର୍ଯ୍ୟାନୁଷ୍ଠାନ । ବଦଳିଲେ ସୁନ୍ଦରଗଡ ଟାଉନ ଥାନା ଅଧିକାରୀ । ସୁନ୍ଦରଗଡ଼ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ରିଜେଣ୍ଟ ବଜାରରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ବଡ ପଦକ୍ଷେପ ନେଇଛି ଜିଲ୍ଲା ଏସପି । ଘଟଣାରେ ଟାଉନ ଥାନା ଅଧିକାରୀ ପ୍ରୀତି ମଞ୍ଜରୀ ମେଣ୍ଡୁଲିଙ୍କୁ ବଦଳି କଲେ ସୁନ୍ଦରଗଡ ଏସପି । ଗତ ୧୫ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଘଟଣା ପରେ ସହରରେ ଗୋଟିଏ ଦିନ ପାଇଁ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିଥିଲା । ଏହାସହ ୨୪ ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ସହରରେ ଇଣ୍ଟରନେଟ ବନ୍ଦ ମଧ୍ୟ ହୋଇଥିଲା ।

# ସାଇବର୍ ଠକ ଘରେ କ୍ରାଇମବ୍ରାଞ୍ଚ ଓ ପୁଲିସର ମିଳିତ ଚଢ଼ାଉ

ଯାଜପୁର,୨୦।୧(ନି.ପ୍ର.): ଗତକାଲି ରାତିରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ତରଞ୍ଜିଆ ପଂଚାୟତ ପୋବଳ ଗାଁରେ କଟକ କ୍ରାଇମବ୍ରାଞ୍ଚ ଟିମ ଓ ଧର୍ମଶାଳା ପୁଲିସ ମିଳିତ ଚଢ଼ାଉ କରଥିଲେ। ସାଇବର ଠକେଇ ମାମଲାରେ ଆର୍ଥିକ କାରବାର ନେଇ ପୋବଳ ଗାଁର ସରୋଜ ଜେନାଙ୍କ ଘରେ ଚଢ଼ାଉ ହୋଇଥିଲା। ୩ ଜଣଙ୍କୁ ଉଠାଇ ନେଇଛି କଟକ କ୍ରାଇମ ବ୍ରାଞ୍ଚ ଟିମ୍ । ସରୋଜ ଜେନାଙ୍କ ଘରୁ ପାଖାପାଖି ୨୦ ଲକ୍ଷ ଟଙ୍କା ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ସରୋଜଙ୍କ ସହ ଲିଙ୍କ ଥିବା ୩ ଜଣଙ୍କୁ କଟକ କ୍ରାଇମ ବ୍ରାଞ୍ଚ ଟିମ୍ ଉଠାଇ ନେଇଥିବା ସୂଚନା ରହିଛି। ଗତକାଲି ରାତି ୧୧ ଟା ରୁ ୩ ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଫେରାର ଥିବା କହିଛନ୍ତି ଧର୍ମଶାଳା ଥାନା ଅଧିକାରୀ। ପୁଲିସ୍ ଏବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନାଙ୍କୁ ଧରିବା ଲାଗି ଜାଲ ବିଛାଇଛି।

# ଓଡ଼ିଆରେ ହେବ ସବୁ ସରକାରୀ କାର୍ଯ୍ୟ

ଭୁବନେଶ୍ୱର,୨୦।୧(ନି.ପ୍ର.): ଏଣିକି ଓଡ଼ିଆରେ ହେବ ସବୁ ସରକାରୀ କାର୍ଯ୍ୟ। ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସରିବ ସବୁ ପ୍ରକଳ୍ପ କାର୍ଯ୍ୟ। ନିୟମିତି ନିଯୁକ୍ତି ସହ ମିଳିବ ପଦୋନ୍ନତି। ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ଅନୁଷ୍ଠିତ ନିର୍ମାଣ ବିଭାଗର ସମୀକ୍ଷା ବୈଠକରେ ଏଭଳି କିଛି ନିଷ୍ପତ୍ତି ନିଆଯାଇଛି। ଏଥିସହ ନାମ ଫଳକ ମଧ୍ୟ ଓଡିଆରେ ଲେଖା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସମ୍ପୂର୍ଣ୍ଣ ଅନଲାଇନ୍ ମାଧ୍ୟମରେ ସରକାରୀ କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ବସିଥିଲା ସମୀକ୍ଷା ବୈଠକ। ଏଥିରେ ସବୁ ସରକାରୀ କାର୍ଯ୍ୟ ଏପରିକି ଚିଠିପତ୍ର, ସରକାରୀ ନିର୍ଦ୍ଦେଶନାମା ଆଦି ଓଡିଆରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ସବୁବେଳେ ନୂତନ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ସରକାରଙ୍କ ବାରମ୍ବାର ତାଗିଦ ପରେ ମଧ୍ୟ ବିଭିନ୍ନ ବିଭାଗ ଇଂରାଜୀରେ ଚିଠି କରୁଥିଲେ। ସରକାରଙ୍କ ନିଷ୍ପତ୍ତିକୁ ମାନୁନଥିଲେ। ଏସବୁ ଭିତରେ ନିର୍ମାଣ ବିଭାଗ ଓଡିଆ ଭାଷାର ବ୍ୟବହାର ପାଇଁ ପାଦ ଆଗକୁ ବଢାଇଛି। ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ନିର୍ମାଣ ବିଭାଗର ସମୀକ୍ଷା ବୈଠକରେ ସବୁ ସରକାରୀ କାର୍ଯ୍ୟ ଓଡିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ଖାଲିଥିବା ପଦ ପୂରଣ ଏବଂ ପଦୋନ୍ନତି ଅପେକ୍ଷାରେ ଥିବା ଯୋଗ୍ୟ ଅଧିକାରୀଙ୍କୁ ତୁରନ୍ତ ପଦୋନ୍ନତି ଦେବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ପାରମ୍ପରିକ ଶୈଳୀରେ ଫାଇଲ କାର୍ଯ୍ୟ ବଦଳରେ ସବୁ ସରକାରୀ କାର୍ଯ୍ୟ ଏବଂ ଫାଇଲ ଅନ୍ ଲାଇନ୍ ଓ ଓସ୍ୱାସ୍ ଜରିଆରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ। ନିଯୁକ୍ତି ସୃଷ୍ଟି ଉପରେ ରାଜ୍ୟ ସରକାରଙ୍କ ନିରନ୍ତର ଧ୍ୟାନ ଉପରେ ଗୁରୁତ୍ୱାରୋପ କରି, ସିଂହ ଅଧିକାରୀମାନଙ୍କୁ ଖାଲି ପଦବୀ ପୂରଣ ତ୍ୱରାନ୍ୱିତ କରିବାକୁ ଏବଂ ବିଳମ୍ବ ନକରି ଯୋଗ୍ୟ ଅଧିକାରୀମାନଙ୍କୁ ପଦୋନ୍ନତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଯୁକ୍ତିବିଦ୍ୟା-ଚାଳିତ ଯୁଗ ସହିତ ତାଳ ଦେଇ ଚାଲିବାର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରମୁଖ ସଚିବ କହିଥିଲେ ଯେ ପାରମ୍ପରିକ ଫାଇଲ-ଆଧାରିତ ପ୍ରକ୍ରିୟାଗୁଡ଼ିକ ଅନାବଶ୍ୟକ ବିଳମ୍ବର କାରଣ ହୁଏ। ଅଧିକ ଦକ୍ଷତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସମସ୍ତ ସରକାରୀ କାର୍ଯ୍ୟ ଏବଂ ଫାଇଲ୍ ଗତିବିଧିକୁ ସମ୍ପୂର୍ଣ୍ଣ ଭାବରେ ଅନଲାଇନ୍ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନା ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ୍ ହ୍ରାସ ପାଇଁ ୩୭ଟି ରାସ୍ତା ବିକାଶ କାର୍ଯ୍ୟ (ଜୟଦେବ ବିହାର-ନନ୍ଦନକାନନ ରାସ୍ତା ସମେତ), କୋରାପୁଟ-ଜୟପୁର ଏବଂ ବ୍ରହ୍ମପୁର-ଜୟପୁର ରାଜପଥ, ନମୋ ଏକ୍ସପ୍ରେସୱେ, ଅଟଳ ଏକ୍ସପ୍ରେସୱେ ଏବଂ ଅନେକ ପାଇପଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ମଞ୍ଜୁରୀ ଏବଂ ଉପଯୋଗୀତା ସ୍ଥାନାନ୍ତର ଭଳି ଚ୍ୟାଲେଞ୍ଜଗୁଡ଼ିକୁ ସୁଗମ କରିବା ପାଇଁ ଅଧିକାରୀମାନେ ଆଲୋଚନା କରିଥିଲେ।

# ଶିକାରୀଙ୍କ ସୂଚନା ଦେଲେ ଆର୍ଥିକ ପୁରସ୍କାର

ଅନୁଗୁଳ,୨୦।୧(ନି.ପ୍ର.): ଅନୁଗୁଳ ବନଖଣ୍ଡରେ ଶିକାରୀଙ୍କ ବୋମା ଚୋବାଇ ହାତୀର ମୃତ୍ୟୁ ଘଟଣା ପରେଶିକାର ରୋକିବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏପରି କି ଶିକାରୀଙ୍କ ସମ୍ପର୍କରେ ସୂଚନା ଦେଲେ ସୂଚନାଦାତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ନାମ ମଧ୍ୟ ଗୋପନ ରଖାଯିବ ବୋଲି ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୁଳ ଡିଏଫ୍‌ଓ ନୀତିଶ କୁମାର ପ୍ରକାଶ କରିଛନ୍ତି। ଡିଏଫ୍‌ଓ କହିଛନ୍ତି, ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ବୃଦ୍ଧିପାଇବାରେ ଲାଗିଛି। ଶିକାରୀମାନେ ବେଆଇନ ହୁଙ୍କି, ଫାଶ, ଖାଦ୍ୟରେ ବିସ୍ଫୋରକ ସାମଗ୍ରୀ ମିଶାଇ, ଦେଶୀ ବନ୍ଧୁକ ଆଦି ବ୍ୟବହାର କରି ଶିକାର କରୁଛନ୍ତି। ତେଣରୁ ଏପରି ଶିକାର ରୋକିବାକୁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଡିଏଫ୍। ଜନସାଧାରଣ ବନ୍ୟଜନ୍ତୁ ଶିକାର ସମ୍ପର୍କରେ ସୂଚନା ପ୍ରଦାନ କଲେ ତାଙ୍କ ନାମ ଗୋପନ ରଖିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି କହିଛନ୍ତି। ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ଚଢ଼ାଉ ଆରମ୍ଭ କରାଯାଇଛି। ଏହି ଟିମ୍ ୨ଦିନ ଭିତରେ ୫ଟି ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସଫଳତା ପାଇବା ସହ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହୃତ ବହୁ ସାମଗ୍ରୀ ଓ ଦେଶୀ ବନ୍ଧୁକ ଜବତ କରିଛି। ଆଗାମୀ ଦିନରେ ଏହାକୁ ଅଧିକ ସକ୍ରିୟ କରାଯିବା ସହ ପୋଲିସର ସହାୟତା ନିଆଯିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।

ମୃନ୍ମୟ

ପୃଷ୍ଠା ୦୪

ବୁଧବାର, ୨୧ଜାନୁଆରୀ ,୨୦୨୬ ଭୁବନେଶ୍ୱର
WEDNESDAY, 21 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପଦ୍ମମୁଖରେ ହସିବେ ଦିଅଁ

**ପୁଷ୍ପମିତ୍ର ମହାପାତ୍ର**

ପଦ୍ମବେଶ ଏକ ଭାବମୂଳକ ବେଶ। ମାଘ ଆମାବାସ୍ୟା ପରେ ବସନ୍ତ ପଞ୍ଚମୀ ପୂର୍ବରୁ ପଡୁଥିବା ବୁଧବାର ବା ଶନିବାରଦିନ ଏହି ବେଶ କରାଯାଇଥାଏ। ଚଳିତ ବର୍ଷ ବୁଧବାର ଦ୍ୱିତୀୟ ଧନିଷ୍ଠା ନକ୍ଷତ୍ରରେ ଏହା ପଡୁଛି। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି। ବଡ଼ସିଂହାର ବେଶ ହୁଅନ୍ତି ନାହିଁ। କେତେକ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ। କିମ୍ବଦନ୍ତୀ ଅନୁଯାୟୀ, ଉତ୍କଳ ଠାରୁ ଶହ ଶହ ମାଇଲ ଦୂରରେ ଥିଲେ ଜଣେ ହିନ୍ଦୀ ଭାଷୀ ସାଧୁ। ତାଙ୍କର ନାମ ଥିଲା ମନୋହର ଦାସ। ଏକଦା ମହାତ୍ମା ମନୋହର ଦାସ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ତାଙ୍କର ପ୍ରବଳ ଆକାଂକ୍ଷା ଥିଲା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ। ଦୀର୍ଘ ଦିନ ପାଦରେ ଚାଲି ଚାଲି ଅନେକ ଜଙ୍ଗଲ, ପାହାଡ଼, ନଈ, ରାସ୍ତା ଅତିକ୍ରମ କରି ଶାରୀରିକ ପୀଡ଼ା ସତ୍ତ୍ୱେ ସେ ଅବିଚଳିତ ଭାବେ ଆଗେଇ ଚାଲିଥାନ୍ତି।

ପଥ ମଧ୍ୟରେ ରାତ୍ରି ହୋଇଗଲେ କୌଣସି ମନ୍ଦିର, ମଠ, ଆଶ୍ରମ କିମ୍ବା ବୃକ୍ଷ ତଳେ ବିଶ୍ରାମ ନିଅନ୍ତି। ପଦବ୍ରଜରେ ଯାଉଥିବା ବେଳେ ସାଧୁଙ୍କୁ ଥରେ ଭୀଷଣ ଶୋଷ ହେଲା। ପାଖରେ କୌଣସି ଗ୍ରାମ କିମ୍ବା ଜଳାଶୟ ନଥିଲା। କିଛି ପଥ ଅତିକ୍ରମ କରିବା ପରେ ହଠାତ୍ ତାଙ୍କର ଦୃଷ୍ଟିଗୋଚର ହେଲା ଗୋଟିଏ ପୁଷ୍କରିଣୀ ମଧ୍ୟରେ ଅନେକ ପଦ୍ମ ଫୁଲ ଫୁଟିଛି। ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ଶୀତଦିନରେ ପଦ୍ମ ଫୁଲ ଫୁଟିବା ସମ୍ଭବ ନୁହେଁ। ସେ ମନେ ମନେ ଜଗନ୍ନାଥଙ୍କୁ ସୁମରଣା କରି ପାଣି ପିଇ ପ୍ରଭୁଙ୍କ ନିମନ୍ତେ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପକୁ ତୋଳି ନିକଟରେ ଥିବା ଏକ ମଇଳା ଗାମୁଛାରେ ନେଇଥିଲେ। ମାଘ ମାସ ଅମାବାସ୍ୟା ଦିନ ସେ ଶ୍ରୀମନ୍ଦିରରେ ପହଞ୍ଚି ପଦ୍ମଫୁଲଗୁଡ଼ିକୁ ଶ୍ରୀଜୀଉ ମାନଙ୍କ ଚରଣାବିନ୍ଦରେ ଲାଗି କରିବା ପାଇଁ ଅନୁରୋଧ କଲେ। ମଇଳା ଗାମୁଛାରେ ଥିବା ଶୁଷ୍କ ପଦ୍ମ ଫୁଲକୁ ଦେଖି ପଣ୍ଡା ଏହା ଠାକୁରଙ୍କୁ ଲାଗି ହୋଇପାରିବ ନାହିଁ କେହି ତିରସ୍କାର କଲେ। ଏଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ତଳେ ପଡ଼ିଥିବା ଫୁଲ ସବୁ ଗୋଟାଇ ଶ୍ରୀମନ୍ଦିରରୁ ପଳାଇ ଆସି ବଡ଼ଛତା ମଠ ନିକଟରେ ଜଗନ୍ନାଥଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇପଡ଼ିଲେ। ସେହିଦିନ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଲେ; ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ଆଜି ମୋର ବଡ଼ସିଂହାର ବେଶ ହେବ। ପଦ୍ମ ଚାଉଳରେ ଖିରି ଭୋଗ କରି ସେହି ସାଧୁଙ୍କୁ ସେବନ କରାଇ ତାଙ୍କର ଜୀବନ ରକ୍ଷା କର। ଭକ୍ତ ପ୍ରବର ସାଧୁ ମନୋହର ଦାସ ଶ୍ରୀଜଗନ୍ନାଥଙ୍କୁ ପଦ୍ମ ପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମେ ମାଘ ମାସରେ ଏହି ବେଶରେ ଜଗନ୍ନାଥ ମହାପ୍ରଭୁ ସୋଲରେ ନିର୍ମିତ ପଦ୍ମପୁଷ୍ପ ପରିହିତ ହୋଇଥାନ୍ତି। ଏହି ଦେବଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ପୁରୀ ଶ୍ରୀମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହୋଇଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୬୮୯,
E-mail : niityou001@gmail.com

# ଏସିଡ୍ ଆକ୍ରମଣ ବୃଦ୍ଧି ଚିନ୍ତାଜନକ

ନିକଟରେ ୧୬ବର୍ଷ ତଳର ଏକ ଏସିଡ୍ ଆକ୍ରମଣ ମାମଲାରେ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେବା ଘଟଣା ଦେଶରେ ଏଭଳି ନୃଶଂସ କ୍ଷତିକାରୀ ହିଂସାର ଗୁରୁତର କ୍ଷତକୁ ପୁଣି ସ୍ମରଣ କରାଇ ଦେଇଛି ବୋଲି କୁହାଯାଇପାରେ। ସୂଚିତ କରାଯାଇପାରେ ଯେ ୨୦୦୯ ମସିହାରେ ହରିଆନାର ପାନିପଥରେ ସାହୀନ ମଲ୍ଲିକ ନାମକ ଜଣେ ଯୁବତୀ ଏସିଡ୍ ଆକ୍ରମଣରେ ଭୟଙ୍କର ଯନ୍ତ୍ରଣା ସାଙ୍ଗକୁ ଗୁରୁତର ଭାବେ ଆହତ ହୋଇଥିଲେ। ଏସିଡ୍ ମାଡରେ ସେ ଗୋଟିଏ ଆଖି ହରାଇବା ସଙ୍ଗେ ସଙ୍ଗେ ତାଙ୍କ ଶରୀରରେ ୨୫ଟି ଅସ୍ତ୍ରୋପଚାର କରିବାକୁ ପଡିଥିଲା। ଉପଯୁକ୍ତ ତଦନ୍ତରେ ଶିଥିଳତା ଏବଂ ପ୍ରମାଣ ଅଭାବରୁ ଗତ ଡିସେମ୍ବର ମାସରେ ଦିଲ୍ଲୀର ଏକ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ। ଉପଯୁକ୍ତ ମାର୍ଗରେ ମାମଲା ପରିଚାଳନା ଅଭାବ ଯୋଗୁଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବା ନିଶ୍ଚିତ ଭାବେ ଲଜ୍ଜାଜନକ। କହିବା ଯଥାର୍ଥ ହେବ ଯେ, ଗୁରୁତ୍ୱପୂର୍ଣ୍ଣ ଡାକ୍ତରୀ ଚିକିତ୍ସା ରେକର୍ଡ, ରିପୋର୍ଟ ସତ୍ତ୍ୱେ ମାମଲାକୁ ଦୃଢ କରିବାରେ ଅଦାଲତରେ ବିଫଳତାକୁ ଦର୍ଶାଯାଉଛି। କେବଳ ଏତିକି ନୁହେଁ ତଦନ୍ତରେ ନିଷ୍କ୍ରିୟତା, ବିଚାରରେ ମନ୍ଥରତା ଯୋଗୁଁ ଏଭଳି ଏକ ଲୋମହର୍ଷଣକାରୀ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣକାରୀ ଅପରାଧରେ ଅପରାଧ ଦଣ୍ଡ ପାଇପାରିବା ନିଶ୍ଚିତ ଭାବେ ଚିନ୍ତାଜନକ। ପିଡୀତାଙ୍କୁ ନ୍ୟାୟ ନମିଳିବା ଏବଂ ଅପରାଧ ଦଣ୍ଡିତ ନହେବା କେବଳ ଅପରାଧ ବଢାଇବ ନାହିଁ, ନ୍ୟାୟାଳିକା ଉପରୁ ଜନସାଧାରଣ ଆସ୍ଥା ଓ ବିଶ୍ୱାସ ହରାଇବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଗୋଟିଏ ମାମଲାରେ ଆଇନଗତ ସାମର୍ଥ୍ୟହୀନତା କେବଳ ଗୋଟିଏ କାରଣ ନୁହେଁ। ଭାରତ ପରି ଏକ ଲିଙ୍ଗଗତ ସମାନ ଅଧିକାର ରାଷ୍ଟ୍ରରେ ଲିଙ୍ଗଗତ ନିଷ୍ଠୁରତା ହେଉଛି ଏକ ପ୍ରଶସ୍ତ ସଂସ୍କୃତିର ଅଂଶ ବିଶେଷ। ଭାରତ ନିଶ୍ଚିତ ଭାବେ ଏସିଡ୍ ଆକ୍ରମଣ ଘଟଣାକୁ ଆଇନର ନଗ୍ନ ଉଲଂଘନ ଭବେ ଗ୍ରହଣ କରିବା ଆବଶ୍ୟକ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ଦେଶରେ ୨୦୨୩ରେ ୨୦୭ଟି ଏସିଡ ଆକ୍ରମଣ ଘଟଣା ଘଟିଥିବାବେଳ ୨୦୨୨ରେ ୨୦୨ଟି ଏବଂ ୨୦୨୧ରେ ୧୭୬ଟି ଏଭଳି ଘଟଣା ଘଟିଥିଲା। ଦେଶରେ ଏସିଡ୍ ଆକ୍ରମଣ ଘଟଣାରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ଥିବାବେଳେ ଏଭଳି ଅପରାଧ ଘଟଣା ବଢିଚାଲିଥିବା ଏନସିଆରବି ରିପୋର୍ଟ ଦର୍ଶାଉଛି। ସେହିପରି ୨୦୨୩ରେ ପଶ୍ଚିମବଙ୍ଗରେ ସର୍ବାଧିକ ୫୭ଟି ଏସିଡ୍ ଆକ୍ରମଣ ଘଟଣା ଘଟିଥିବା ବେଳେ ଉତରପ୍ରଦେଶରେ ୩୧ଟି, ଗୁଜରାଟରେ ୧୫ଟି ଅପରାଧ ଘଟିଥିଲା। ଏଥିମଧ୍ୟରୁ ୧୧୩ଟି ମାମଲାର ତଦନ୍ତ ଚାଲିଥିବାବେଳେ ପୂର୍ବବର୍ଷରୁ ୫୩ଟି ମାମଲା ପଡିରହିଛି। କହିବା ବାହୁଲ୍ୟ ଯେ, ଆମ ଦେଶରେ ବହୁ ଏସିଡ୍ ଆକ୍ରମଣ ଅପରାଧ ପ୍ରେମଜନିତ ବିଫଳତାରୁ ଘଟିଥିବା ବେଳେ ଆଉ କେତେକ ପୂର୍ବ ଶତ୍ରୁତା କାରଣରୁ ଘଟିଥିବା ରିପୋର୍ଟ କହେ। ତେବେ ସର୍ବାଧିକ ଅପରାଧ ପ୍ରେମଜନିତ ବିଫଳତାରୁ ଘଟୁଥିବା କୁହାଯାଏ। ବ୍ୟର୍ଥ ପ୍ରେମିକ ପ୍ରେମରେ ବିଫଳ ହେବା ଯୋଗୁଁ ପ୍ରତିଶୋଧ ପରାୟଣ ହୋଇ ଯୁବତୀକୁ ସବୁଦିନ ପାଇଁ ବିକଳାଙ୍ଗ କରିବା ଲାଗି ଏସିଡ୍ ଫିଙ୍ଗିଥାଏ। ଆମ ରାଜ୍ୟରେ ଦୀର୍ଘ ଏକ ଦଶନ୍ଧି ତଳେ ଜଗତସିଂହପୁର ଜିଲ୍ଲାରେ ଜଣେ ପୂର୍ବତନ ବିଏସଏଫ ଯବାନ ଜଣେ ସୁନ୍ଦରୀ କଲେଜ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ଏସିଡ୍ ମାଡ କରିଥିଲେ। ଏଥିରେ ଛାତ୍ରୀ ଜଣଙ୍କୁ କେବଳ ବିକଳାଙ୍ଗ ହୋଇ ଯାଇନଥିଲେ। ଦୁଇଟିଯାକ ଆଖି ମଧ୍ୟ ହରାଇଥିଲେ। ଅବଶ୍ୟ ବହୁ ବିଳମ୍ବରେ ଅପରାଧି ଧରାପଡିବା ସହ ଏବେ ଜେଲରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ସତ୍ତ୍ୱେ ଆମ ଦେଶରେ ଏସିଡ୍ ଭଳି ମାରାତ୍ମକ ପଦାର୍ଥ ସହଜରେ ଉପଲବ୍ଧ ହେଉଛି। ଯାହାର ପରିଣତି ସ୍ୱରୁପ ଅପରାଧି ବଜାରରୁ ଏଭଳି ମାରାତ୍ମକ ପଦାର୍ଥ ଘଟାଇବାରେ ସମର୍ଥ ହେଉଛି। ପଡୋଶୀ ବଙ୍ଗଳାଦେଶରେ ଏସିଡର ବିକ୍ରୀ ଉପରେ କଠୋର କଟକଣା ଜାରି କରାଯାଇଥିବା ବେଳେ ତ୍ୱରିତ ତଦନ୍ତ ଏବଂ ମାମଲାର ଆଶୁ ଶୁଣାଣୀ ଯୋଗୁଁ ଏଭଳି ଭୟଙ୍କର ଅପରାଧ ଘଟଣା ଆଶାତୀତ ଭାବେ ହ୍ରାସ ପାଇଛି। ଆମ ଦେଶରେ କ୍ରମାଗତ ଭାବେ ଏସିଡ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବା ଯୋଗୁଁ ଏହାର ଉତ୍ପାଦନ ଓ ବିକ୍ରୀ ଉପରେ କଠୋର କଟକଣା ଲାଗୁ କରାଇବର ଆବ୍ୟାକତା ରହିଛି। ସେହିପରି ମାମଲାର ତ୍ୱରିତ ତଦନ୍ତ ସହ ଆଶୁ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ସହ ଡାକ୍ତରୀ ଚିକିତ୍ସା ରିପୋର୍ଟକୁ ପ୍ରମାଣ ଭାବେ ଗ୍ରହଣ କରି ଅପରାଧିଙ୍କ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଲେ ଏଭଳି ନୃଶଂସ ଅପରାଧ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ।

# ସରକାରୀ ରାଜସ୍ୱ ଆଦାୟ ପାଇଁ ପ୍ରଦୂଷଣ ସାର୍ଟିଫିକେଟ ଫନ୍ଦି

**ଯୁଧିଷ୍ଠିର ମହାରଣା**

ଲୋକମାନଙ୍କର ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଟେନସନ କ'ଣ ଜାଣିଛନ୍ତି, ଗାଡ଼ି କାଢୁଥିଲେ ଶହେଥର ଭାବିଚିନ୍ତି ଗାଡ଼ି କାଢ଼ନ୍ତୁ। କାରଣ କେତେବେଳେ କେଉଁ ପ୍ରକାରର ବି ଜୋରିମାନା ମୋବାଇଲ ମେସଜକୁ ଆସିପାରେ ଯଦିଓ କିଛି ଦିନ ତଳେ ମନ୍ତ୍ରୀଙ୍କ ଘୋଷଣାକ୍ରମେ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଟଳି ଯାଇଛି ତେବେ ସବୁଠାରୁ ବଡ଼ କଥା ହେଉଛି ସରକାର ଯେଉଁପରି ଭାବେ ପ୍ରଦୂଷଣକୁ ନେଇ ଏକ ରକମର ଜୋର ଦମ୍ ଲଗାଇ ଦେଇଛନ୍ତି ସେହି ଭାବରେ ନିଜେ ଯେଉଁ ପ୍ରଦୂଷଣ କରୁଛନ୍ତି ତାହା ପାଇଁ ସାଧାରଣ ଜନତାଙ୍କୁ ଜୋରିମାନା ଦେଉଛନ୍ତି କି ? ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ଜରିମାନା ସରକାର କଷୁଛନ୍ତି। କିନ୍ତୁ ଖୋଦ ସରକାରଙ୍କ ଦ୍ୱାରା ଯେଉଁ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି ତାହା ପାଇଁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ସହର ରାସ୍ତାରେ ବହଳ ବହଳ ଧୂଳି, ପରିବେଶକୁ ବିଗାଡ଼ି ଚାଲିଛି। ରାସ୍ତାରେ ଯେଉଁ ପ୍ରକାର ଆବର୍ଜନା ଗଦା ହେଉଛି ଓ ଧୂଳବି ମଧ୍ୟ ଉଠୁନି ଏହା ନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣା ଜନିତ ଜନଜୀବନ ହାନୀ ଘଟୁଛି। ପୌର ନିଗମ ପକ୍ଷରୁ ପ୍ରତିବର୍ଷ ପରିମଳ ବାବଦରେ ୬୦କୋଟିରୁ ଅଧିକ ଟଙ୍କା ବ୍ୟୟ ଦର୍ଶା ଯାଉଛି।

ବର୍ତ୍ତମାନ ସମୟର ବଡ଼ ଆତଙ୍କ କୁହାଯାଉଥିବା ପଲ୍ୟୁସନ ସାର୍ଟିଫିକେଟ କଥାଟିକେ ଆଲୋଚନା ରଖାଯାଉ। ନିଜ ନିଜ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡ଼ିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି। ବିଶେଷକରି ଯେଉଁମାନେ ଅଫଲାଇନରେ ଜୋରିମାନା ଅର୍ଥ ଦେବା ପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି। ଯାନବାହାନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ ବିଭାଗରେ ରହିଛି। ତେବେ ଯାନବାହାନର ଫିଟନେସ ଓ ପରିମିଟ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବାବେଳେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟ ଓ ସିଟବେଲ୍ଟରେ ଗାଡ଼ି ଚାଳନା ଆଦିର ଫାଇନ ଉଭୟ ପରିବହନ ଓ ପୁଲିସ ବିଭାଗ କାଟିପାରିବ। ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ କାଟୁଥିବାବେଳେ ସହର ଭିତରେ ପୁଲିସ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ ବାବୁମାନେ ସ୍ମାର୍ଟ ଫାଇନ କାଟୁଛନ୍ତି।

ତେବେ ଅନୁଧାନରୁ ଜଣାଯାଇଛି ଯେ ଜୋରିମାନା କଟିଥିବା ଯାନବାହାନର ୨୫ ପ୍ରତିଶତଙ୍କ ମୋବାଇଲ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡ଼ିର ଜୋରିମାନା ପଇଠ ପାଇଁ କୁହାଯାଉଛି। ତେବେ ଏହି ଲୋକମାନେ ଅନଲାଇନରେ ଜୋରିମାନା ପଇଠ ସମ୍ଭବ ନ ହେବାରୁ ସେମାନେ ଅଫଲାଇନରେ ଦେବାକୁ ବାଧ ହେଉଛନ୍ତି। ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି। ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି। ତେଣୁ ପରିବହନ ବିଭାଗ ନିକଟକୁ ଅଫଲାଇନରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ ନିକଟକୁ ପଠାଇ ଦେଉଛନ୍ତି। ପୁଲିସ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି। ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡ଼ନ୍ତେ ନାହିଁ। ସେହିଭଳି ପ୍ରଦୂଷଣ କେନ୍ଦ୍ରଗୁଡ଼ିକୁ ଯଦି ଅନଲାଇନରେ ଜୋରିମାନା ଗ୍ରହଣର କ୍ଷମତା ପ୍ରଦାନ କରାଯାଆନ୍ତା ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକ ଥାନା ପର୍ଯ୍ୟନ୍ତ ଧାଁ ଦଉଡ଼ କରନ୍ତେ ନାହିଁ।

ପରିବହନ ବିଭାଗର ଅଧିକାରୀମାନେ ସବୁ ନିୟମକୁ ମୋଡ଼ି ମକଚି ଦେଇଛନ୍ତି। ପ୍ରଥମତଃ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆସେ। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡ଼ିରେ ତେଲ ଦେବାକୁ ମନା କରିବାର କ୍ଷମତା ପରିବହନ ବିଭାଗର ନାହିଁ। କୌଣସି ମୋଟର ଯାନ ଆଇନରେ ମଧ୍ୟ ଏ ନିୟମ ନାହିଁ। ପରିବହନ ବିଭାଗର ଏହି ଅଜବ ନିୟମ ସଂପର୍କରେ କିନ୍ତୁ ଯୋଗାଣ ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି।

ଦ୍ୱିତୀୟରେ ଏସଟିଏ କର୍ତ୍ତୃପକ୍ଷ ନିୟମ କରିଦେଲେ, ଗାଡ଼ିରେ ଗ୍ରୀନ ଷ୍ଟିକର ନଥିଲେ ପେଟ୍ରୋଲ ମିଳିବନି। ହେଲେ ଏହି ଗ୍ରୀନ ଷ୍ଟିକର କେମିତିକା ତାହା ପରିବହନ ବିଭାଗର ଅଧିକାରୀମାନେ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି। କାରଣ ରାଜ୍ୟରେ ଗ୍ରୀନ ଷ୍ଟିକର ନାହିଁ। ପାଖରେ ଷ୍ଟିକର ନଥାଇ କିଭଳି ନିୟମ ହେଲା ? ଏବେ ଷ୍ଟିକର କଥା ପଚାରିବାରୁ ପରିବହନ ମନ୍ତ୍ରୀ କହୁଛନ୍ତି, ରାଜ୍ୟ ସରକାର ଫେବୃଆରୀ ମାସରେ ଯୋଗାଇବେ। ହେଲେ ଲୋକଙ୍କୁ କେମିତି ଏହା ମିଳିବ, ସେ ନେଇ ଚୁପ। ଲୋକମାନେ ଏବେ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ସବୁ କାମଧନ୍ଦା ଛାଡ଼ି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି। ଷ୍ଟିକର ପାଇଁ ଆଉଥରେ ଛିଡ଼ା ହେବେ?

ତୃତୀୟରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଯେଉଁ ଯନ୍ତ୍ର ଅଛି, ସେଥିରେ ଯେଉଁ ଗାଡ଼ି ଯାଞ୍ଚ ହେଉଛି ତାକୁ ପ୍ରମାଣପତ୍ର ମିଳୁଛି। ଅର୍ଥାତ୍ ଯାହାର କୌଣସି ଜରିମାନା ନାହିଁ, ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ ଓ ଫିଟନେସ ଅଛି ତାଙ୍କୁ ଆରାମରେ ପ୍ରଦୂଷଣ ସାର୍ଟିଫିକେଟ ମିଳିଯିବ। ପ୍ରଦୂଷଣ ସାର୍ଟିଫିକେଟ ଦେଉଥିବା ଏକ ସଂସ୍ଥାର କର୍ମଚାରୀଙ୍କ କହିବାନୁଯାୟୀ ଆମେ ଅନଲାଇନରେ ଗାଡ଼ିର ନମ୍ବର ପ୍ଲେଟ ଫେଟୋ ପକାଇଦେଲେ ସବୁ ତଥ୍ୟ ଆସିଯାଉଛି ଏବଂ ଜରିମାନା ନଥିଲେ, କାଗଜପତ୍ର ଠିକ ଥିଲେ ସାର୍ଟିଫିକେଟ ଇସ୍ୟୁ ହୋଇଯାଉଛି।

ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫଲାଇନରେ ଚାଲାଣ ପଇଠ କରିବା ପାଇଁ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବଧ କରାଯାଉଛି। ଗାଡ଼ିରେ ତେଲ ପକାଇବା ପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରିଥିବାବେଳେ ଏହି ସାର୍ଟିଫିକେ ପାଇବା ପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି। ଏହା ଫଳରେ ଏବେ ଲୋକେ କାମ ଦାମ ଛାଡ଼ି ଆରଟିଓ ଅଫିସ ଓ ଥାନା ଗୁଡ଼ିକୁ ଦଉଡିବାରେ ଲାଗିଛନ୍ତି। ଡିଜିଟାଲ ଯୁଗରେ ଅଫଲାଇନ ଜୋରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତି ପ୍ରାପ୍ତ ଥାନା ଗୁଡ଼ିକରେ ଯୋଗାଇ ଦିଆଗଲେ କେବଳ ସାଧାରଣ ଲୋକେ ଉପକୃତ ହୁଅନ୍ତେ ନାହିଁ, ଧାର୍ଯ୍ୟ ସମୟରେ ରାଜକୋଷକୁ ଅଧିକ ଅର୍ଥ ଆସିପାରନ୍ତା ଓ ସରକାର ମଧ୍ୟ ସମାଲୋଚନାରୁ ରକ୍ଷା ପାଇପାରନ୍ତେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :
୯୪୩୭୧୬୩୫୨୮,
E-mail :
judhister009moharana@gmail.com\

# ବଙ୍ଗଳାଦେଶ: ବିଦେଶୀ ମିଡିଆର ସେହି ପୁରୁଣା ହିନ୍ଦୁ ବିରୋଧୀ ନ୍ୟାରେଟିଭ

**ଡ.ସମନ୍ୱୟ ନନ୍ଦ**

ଯଦି ସାରା ବିଶ୍ୱରେ ସବୁଠାରୁ ଅଧିକ ନିର୍ଯ୍ୟାତନାର ଶୀକାର କେହି ହେଉଛନ୍ତି ତେବେ ସେମାନେ ହେଉଛନ୍ତି ହିନ୍ଦୁ । ଚରାଚର ଜଗତରେ ଭଗବାନଙ୍କୁ ଦେଖୁଥିବା ହିନ୍ଦୁ ଜାତିକୁ ଆରବର ଇସଲାମୀ ମିଡିଆ ଓ ଗୋରା ଦେଶ ମାନଙ୍କର ମିଡିଆ ପକ୍ଷରୁ ସବୁବେଳେ ଘୃଣାର ସହ ଦର୍ଶା ଯାଇ ଆସିଛି । ହିନ୍ଦୁ ମାନଙ୍କୁ ସବୁବେଳେ ଅସହିଷ୍ଣୁ ବୋଲି ଦର୍ଶା ଯିବାକୁ ପ୍ରୟାସ କରାଯାଇଛି । ଏବଂ ବଙ୍ଗଳାଦେଶରେ ଜଣେ ନୀରିହ ହିନ୍ଦୁ ଦୀପୁ ଚନ୍ଦ୍ର ଦାସଙ୍କ ବର୍ବରତାର ସହ ଇସଲାମୀ ଭୀଡ ଦ୍ୱାରା ହତ୍ୟା କରାଯିବା ଘଟଣାରେ ମଧ୍ୟ ବିଦେଶୀ ଗୋରା ମିଡିଆ ସଂସ୍ଥା ଗୁଡିକ ଅତି ଚତୁରତାର ସହିତ ତାଙ୍କର ସେହି ପୁରୁଣା ହିନ୍ଦୁ ବିରୋଧୀ ନ୍ୟାରେଟିଭକୁ ଚଳାଇ ଥିବ ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ଆମେରିକାରୁ ପ୍ରକାଶିତ ହେଉଥିବା ନ୍ୟୁୟର୍କ ଟାଇମ୍ସରେ ଏକ ଲେଖା ପ୍ରକାଶିତ ହୋଇଛି । ଏହି ଲେଖାକୁ ଗୋରା ଦେଶମାନଙ୍କର ମିଡିଆର ରିପୋର୍ଟିଂ କେତେ ସତ୍ୟତା ଆଧାରିତ ତାହା ଜାଣିବାକୁ ଏକ କେସ ଷ୍ଟଡି ଭାବେ ଗ୍ରହଣ କରାଯାଇ ପାରେ ।

ବଙ୍ଗଳାଦେଶର ମୈମନସିଂରେ କପଡା ଫ୍ୟାକ୍ଟ୍ରିରେ କାମ କରୁଥିବା ହିନ୍ଦୁ ଯୁବକକୁ ଗତ କିଛି ଦିନ ତଳେ ମୁସଲମାନ ମାନଙ୍କର ଏକ ଭୀଡ ପିଟି ପିଟି ହତ୍ୟା କରି ଦେଇଥିଲେ । କେବଳ ସେତିକି ନୁହେଁ ତାଙ୍କର ଶରୀରକୁ ଗଛରେ ଲଟକାଇ ନିଆଁ ଲଗାଇ ଦେଇଥିଲେ । ମଧ୍ୟଯୁଗୀୟ ବର୍ବରତାର ଘଟଣାକୁ ପୁଣି ଥରେ ଦର୍ଶାଉଥିବା ଏହାର ଭିଡିଓ ମଧ୍ୟ ସାମନାକୁ ଆସିଥିଲା । ହେଲେ ସବୁବେଳେ ମୁସଲମାନ ମାନଙ୍କୁ ପୀଡିତ ବୋଲି ଦର୍ଶାଉଥିବା ଗୋରା ଦେଶ ଗୁଡିକର ଗଣମାଧ୍ୟମ ଏହି ଘଟଣା ଉପରେ ଅନେକ ଦିନ ଧରି ନୀରବତା ଅବଲମ୍ବନ କରିଥିବା ଦେଖିବାକୁ ମିଳିଥିଲା । ହେଲେ ଏବେ ନ୍ୟୁୟର୍କ ଟାଇମ୍ସରେ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟା ଉପରେ ଏକ ଲେଖା ପ୍ରକାଶ ପାଇଛି ।

କିନ୍ତୁ ଏହି ଲେଖାର କଭରେଜ ସମ୍ପୂର୍ଣ ଭାବେ ନିଜର ଚିରାଚରିତ ପୁରୁଣା ହିନ୍ଦୁ ବିରୋଧୀ ନ୍ୟାରେଟିଭକୁ ଧ୍ୟାନରେ ରଖି କରାଯାଇଛି । ଏହି ନ୍ୟାରେଟିଭଟି ହେଲା ଯେ ମୁସଲମାନ ମାନଙ୍କୁ ଆକ୍ରମଣକାରୀ ବୋଲି ନ ଦେଖାଇବା । ନ୍ୟୁୟର୍କ ଟାଇମ୍ସରେ ଏହି ରିପୋର୍ଟର ଲେଖକ ହେଉଛନ୍ତି ସୈଫ ହସନତ ଓ ମୁଜିବ ମଶାଲ । ଏହି ଲେଖକ ଦ୍ୱୟ ଅତ୍ୟନ୍ତ ଚତୁରତାର ସହିତ ଭାରତ ଉପରେ ଟାର୍ଗେଟ କରିଛନ୍ତି । ସେହପରି ଜଣେ ହିନ୍ଦୁକୁ ହତ୍ୟା କରାଯାଇଥିବା ଘଟଣାକୁ ଦେଖାଉ ଦେଖାଉ ଭାରତରେ ହିନ୍ଦୁ ମାନଙ୍କୁ ଅତ୍ୟାଚାରୀ ବୋଲି ଦେଖାଇବା ଭୁଲି ନାହାନ୍ତି ।

"ଲିଂଚିଂ ଅଫ ହିନ୍ଦୁ ଇନ ବାଙ୍ଗଲାଦେଶ ଫ୍ୟାନ୍ସ ଫିଅର୍ସ ଅଫ ରାଇଜିଂ ଇନଟଲୋରାନ୍ସ "ବୋଲି ଏହାର ଶୀର୍ଷକ ରହିଛି । (କ୍ରମଶଃ)

ଓଲାଶୁଣୀ ଗୁମ୍ଫା ଯାତ୍ରା ଅବସରରେ

# ଓଲାଶୁଣୀ ପର୍ବତରେ ସାଧୁସେବା ହେବ...

**ଅଲେଖ ଚନ୍ଦ୍ର ସାମଲ, ଓଏଫ୍ଏସ୍-୧**

ଓଡ଼ିଶାର ଧାର୍ମିକ, ଆଧ୍ୟାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି ସହ ପ୍ରସିଦ୍ଧ ଓଲାଶୁଣୀ ପୀଠ ଅନ୍ୟତମ। ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ଠାଟବାଟକୁ ବର୍ଜାଇ ଦେଇ ତ୍ୟାଗପୂର୍ଣ୍ଣ ଜୀବନ ସହ ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ସାଧନାରେ



ଗୃହତ୍ୟାଗୀ କରିଥିଲେ। ସେହି ମହାନ୍ ସନ୍ଥ ଅରକ୍ଷିତ ଦାସଙ୍କ ଚଳିତ ବର୍ଷ ହେଉଛି ପୁଣ୍ୟ ପାବନ ମହାପ୍ରୟାଣ ତିଥି। ଏହି ତିଥିରେ କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଜନସମାଗମ ହୋଇଥାଏ। ଓଲାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା। ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରୀତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ। ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି। ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତୀ ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି। ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା, ସହ ଓଲାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି। ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି - 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର। ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅନ୍ତେ ନାଶଯାନ୍ତି ଯେ ଭଜନ୍ତି ସେ ଅମର।'

ଏହି ପ୍ରସିଦ୍ଧ ମେଳାରେ ସେବା କାର୍ଯ୍ୟ ନିମିତ୍ତ ପ୍ରତିବର୍ଷ ଦାୟିତ୍ୱ ସମ୍ପାଦନ କରନ୍ତି ସ୍ଥାନୀୟ ଶ୍ରୀସତ୍ୟସାଇ ସେବା ସମିତି ପଲାଇର ସକ୍ରିୟ ସେବାଦଳ ଭାଇ-ଭଉଣୀ ଓ ସ୍ଥାନୀୟ ସାଇ ଆଶ୍ରିତମାନେ। ଓଲାଶୁଣୀ ଦେବୀ ପୂଜିତ ହେଉଥିବା ଓଲାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ। ସାଧୁସନ୍ଥ ମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି ପବିତ୍ରମୟ ହୋଇପଡ଼େ। ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି। ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି - 'ଚଣ୍ଡାଳୁ ବ୍ରହ୍ମଯାଏ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ। ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଞ୍ଜଇ ବିଶ୍ୱାସ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି। ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ନିଜ ଇଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି। ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ। ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି - 'ହେ ମନ କହୁଅଛି ମୁହିଁ, ଶରୀର ଆମିଷ ଅଟଇ। ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ। ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପିଢ଼ିକୁ ମଧ୍ୟ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସକ୍ଷମ ହୋଇପାରିବ। ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜିବୀତ କରି ରଖିପାରିବ। ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଲାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି - 'ଓଲାଶୁଣୀ ପର୍ବତରେ ସାଧୁସେବା ହେବ। ଏକାକ୍ଷର ପରୀକ୍ଷାରେ ଅର୍ପିତ କରିବ। କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ। ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି। ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଜୀବନ ଚେତନାର ଏକ କାଳଜୟୀ କୃତୀ। ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧ୍ୟାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

V



# ଫେବୃଆରି ୧୦ରୁ ଉଡ଼ାଣ ବାତିଲ କରିବନି ଇଣ୍ଡିଗୋ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଦେଶର ଏକ ନମ୍ବର ଏୟାରଲାଇନ ଇଣ୍ଡିଗୋ ଆସନ୍ତା ଫେବୃଆରି ୧୦ରୁ କୌଣସି ବିମାନର ଉଡ଼ାଣ ବାତିଲ କରିବ ନାହିଁ । ଏ ସମ୍ପର୍କରେ କମ୍ପାନୀ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଅବଗତ କରିଛି । କମ୍ପାନି ଜଣାଇଛି ଯେ ଆମ ପାଖରେ ଯଥେଷ୍ଟ ପରିମାଣର ପାଇଲଟ୍ ଅଛନ୍ତି । ତେଣୁ ଉଡ଼ାଣରେ ଖୁବ୍‌ଶୀଘ୍ର ସ୍ଥିରତା ଫେରିବ। ଗତକାଲି ଡିଜିସିଏ ପକ୍ଷରୁ ଇଣ୍ଡିଗୋ ସହ ଏକ ବୈଠକରେ ଆଲୋଚନା କରାଯାଇଥିଲା । ବିମାନ ପରିଚାଳନା ସ୍ୱାଭାବିକ ହୋଇଯିବ ବୋଲି କମ୍ପାନି ପ୍ରତିଶ୍ରୁତି ଦେଇଛି। ତଥାପି କମ୍ପାନିର କାର୍ଯ୍ୟ ଉପରେ ଡିଜିସିଏ ନଜର ରଖିବାକୁ ନିଷ୍ପତ୍ତି ନେଇଛି । ଗତବର୍ଷ ଡିସେମ୍ବର ୨ରୁ ୯ ପର୍ଯ୍ୟନ୍ତ ଇଣ୍ଡିଗୋ ୪୫୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ କରିଥିଲା । ହଠାତ ଏତେ ସଂଖ୍ୟାରେ ବିମାନର ଉଡ଼ାଣ ବାତିଲ ହେବାରୁ ଦେଶବ୍ୟାପୀ ବିଭିନ୍ନ



ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ । ଭାରତୀୟ ବେସାମରିକ ବିମାନ ଚଳାଚଳ ଶିଳ୍ପର ୬୦ ପ୍ରତିଶତ ବଜାର ଅଂଶ ଇଣ୍ଡିଗୋ ପାଖରେ ରହିଛି । ବଜାରରେ କମ୍ପାନିର ଆଧିପତ୍ୟ ଓ ଉପଯୁକ୍ତ ବିକଳ୍ପର ଅଭାବ ଥିବାରୁ ଯାତ୍ରୀ ସେବା ବ୍ୟାହତ ହୋଇଥିଲା । ଏହି ବିଭ୍ରାଟ ପରେ ଇଣ୍ଡିଗୋର ବିମାନ ସଂଖ୍ୟା, ଇଞ୍ଜିନ ସମସ୍ୟା, ପାଇଲଟ ଅଭାବ ଓ କ୍ରୁ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହି ବିଭ୍ରାଟ ପାଇଁ ଚଳିତ ମାସରେ ଡିଜିସିଏ ପକ୍ଷରୁ ଇଣ୍ଡିଗୋ ଉପରେ ୨୨ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିଲା । ପରିଚାଳନା ମୁଖ୍ୟଙ୍କୁ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ଚେତାବନୀ ଦିଆଯାଇଥିଲା ।

# ଭାରତ ଋଷର ଆକାଶରେ ଉଡ଼ିବ ସୁପରଜେଟ୍-୧୦୦

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଭାରତ ଆକାଶରେ ଉଡ଼ିବ ଋଷର ବିମାନ । ଦମଦାର ଅଫର ଦେଲା ଭାରତର ବେଷ୍ଟ ଫ୍ରେଣ୍ଡ ଋଷ । ଋଷ ଭାରତକୁ ଦୁଇଟି ସ୍ୱଦେଶୀ ଯାତ୍ରୀବାହୀ ବିମାନ, ସୁପରଜେଟ୍-୧୦୦ (SJ-100) ଏବଂ Il-114-300 ପ୍ରଦାନ କରିଛି ଫ ଉଭୟ ବିମାନ ସମ୍ପୂର୍ଣ୍ଣ ଭାବରେ ଋଷ ଟେକନିକକୁ ବ୍ୟବହାର କରି ବିକଶିତ କରାଯାଇଛି । ଋଷ କହିଛି ଯେ ଏହି ପ୍ରସ୍ତାବ ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିମାନ ଶିଳ୍ପ ପାଇଁ ଏକ ଭଲ ବିକଳ୍ପ ହୋଇପାରେ । ଭାରତକୁ ଆକର୍ଷିତ କରିବା ପାଇଁ ଋଷିଆ Il-114-300 ବିମାନ ପାଇଁ ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିଛି, ଯେଉଁଥିରେ ଭାରତୀୟ ଜାତୀୟ ପତାକାର ରଙ୍ଗ ରହିଛି। ଏହାକୁ ଏକ ସଙ୍କେତ ଭାବରେ ଦେଖାଯାଉଛି ଯେ ଋଷ ଏହି ଚୁକ୍ତିକୁ କେବଳ ଏକ ବାଣିଜ୍ୟିକ ଭାବରେ ନୁହେଁ, ବରଂ ଏକ ରଣନୈତିକ ସହଭାଗୀତା ଭାବରେ ଦେଖୁଛି । ଯଦି ଏହି ପ୍ରସ୍ତାବ ଆଗକୁ ବଢ଼େ, ତେବେ ପ୍ରତିରକ୍ଷା ଏବଂ ବୈଷୟିକ ସହଯୋଗର ବିକାଶ ପରେ ଭାରତ-ଋଷ ଯାତ୍ରୀ ଉଡ଼ାଣରେ ଏକ ନୂତନ ଅଧ୍ୟାୟ ଖୋଲିପାରେ । ରିପୋର୍ଟ ଆଧାରରେ, ଋଷର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ ସୁପରଜେଟ୍-୧୦୦ ର ଏକ ଭିଡିଓ ଜାରି କରିଛି, ଯେଉଁଥିରେ ଦେଖାଯାଇଛି ଯେ, ଏହି ସୁପରଜେଟରେ PD-8 ଜେଟ୍ ଇଞ୍ଜିନ୍ ବ୍ୟବହାର



କରାଯାଇଛି । ଏହି ବିମାନଟି ୱିଙ୍ଗ୍ସ ଇଣ୍ଡିଆ-୨୦୨୬ ପ୍ରଦର୍ଶନୀରେ ପ୍ରଦର୍ଶନ କରାଯିବ । ଏହି ସମୟରେ, ୟୁନାଇଟେଡ୍ ଏୟାରକ୍ରାଫ୍ଟ କର୍ପୋରେସନ୍ ପ୍ରଥମ ଥର ପାଇଁ ସମାନ କାର୍ଯ୍ୟକ୍ରମରେ ଏହାର ନୂତନ ଆଞ୍ଚଳିକ ବିମାନ, Il-114-300 ଉପସ୍ଥାପନ କରିବ, ଯେଉଁଠାରେ ଏହା ଏକ ଉଡ଼ାଣ ପ୍ରଦର୍ଶନର ମଧ୍ୟ ଅଂଶ ହେବ । Il-114-300 TV7-117ST-01 ଟର୍ବୋପ୍ରପ୍ ଇଞ୍ଜିନ୍ ଦ୍ୱାରା ଚାଳିତ, ଯେତେବେଳେ ସୁପରଜେଟ୍-୧୦୦ରେ ନୂତନ PD-8 ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି । ଉଭୟ ଇଞ୍ଜିନ୍ ଋଷରେ ବିକଶିତ ହୋଇଛି । ଏହି ବିମାନର ଡିଜାଇନ୍ ଏବଂ ଟେକନିକ୍ ବିଶେଷ ଭାବରେ ସେହି ଦେଶମାନଙ୍କ ପାଇଁ ଉପଯୋଗୀ ଯେଉଁମାନେ ପାଶ୍ଚାତ୍ୟ ପ୍ରତିବନ୍ଧକ କିମ୍ବା ଯୋଗାଣ ଶୃଙ୍ଖଳା ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚାହାଁନ୍ତି ।

# ଇସଲାମିକ ଷ୍ଟେଟ୍ ଟାର୍ଗେଟରେ ଚୀନ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଆଫଗାନିସ୍ତାନର ରାଜଧାନୀ କାବୁଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ଇସଲାମିକ୍ ଷ୍ଟେଟ୍ ନିଜକୁ ଦାୟୀ କରିଛି । ଆତଙ୍କବାଦୀ ସଂଗଠନର ଏହି ଆକ୍ରମଣରେ ଜଣେ ଚୀନ୍ ନାଗରିକଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାର ବର୍ତ୍ତମାନ ତଦନ୍ତ ଚାଲିଛି, କିନ୍ତୁ ଇସଲାମିକ୍ ଷ୍ଟେଟ୍ ଚାଇନିଜ୍ ରେଷ୍ଟୋରାଁକୁ ଟାର୍ଗେଟ୍ କରିବାର କାରଣ ଦର୍ଶାଇଛି । ଆତଙ୍କବାଦୀ ସଂଗଠନ ଏହାର ଅନଲାଇନ୍ ନ୍ୟୁଜ୍ ଏଜେନ୍ସି ଆମାକ ଦାବି କରିଛି ଯେ ଚୀନରେ ଉଇଘୁର ମୁସଲମାନଙ୍କ ଉପରେ ଅତ୍ୟାଚାର ହେତୁ ଏହି ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ଅତି କମ୍ରେ ୨୫ ଜଣ ମୃତ କିମ୍ବା ଆହତ ହୋଇଥିବା ଇସଲାମିକ୍ ଷ୍ଟେଟ୍ ଦାବି କରିଛି। ଇସଲାମିକ୍ ଷ୍ଟେଟ୍ କହିଛି ଯେ, ଏହି ଆକ୍ରମଣରେ ଅନେକ ତାଲିବାନ କମାଣ୍ଡର ମଧ୍ୟ ନିହତ ହୋଇଛନ୍ତି । ଆଫଗାନିସ୍ତାନ ପ୍ରଶାସନ ଏପର୍ଯ୍ୟନ୍ତ ଏହି ବିସ୍ଫୋରଣର କାରଣ ଦର୍ଶାଇ ନାହିଁ ଏବଂ ଏପର୍ଯ୍ୟନ୍ତ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହି ନାହିଁ। ତାଲିବାନର ଗୃହମନ୍ତ୍ରୀ ମୁଫତି ଅବଦୁଲ ମତିନ କାନି କହିଛନ୍ତି ଯେ, ବିସ୍ଫୋରଣର ତଦନ୍ତ ଚାଲିଛି । ଏଥି ସହିତ ଇସଲାମିକ୍ ଷ୍ଟେଟର ଦାବିକୁ ଭବିଷ୍ୟତରେ ଚୀନ୍ ନାଗରିକଙ୍କ ପାଇଁ ବିପଦ ଭାବରେ ଦେଖାଯାଉଛି । ଆଫଗାନିସ୍ତାନରେ ଚୀନ୍ ଲୋକଙ୍କ ମଧ୍ୟ କିଛି ଉପସ୍ଥିତି ରହିଛି।ଏଭଳି ପରିସ୍ଥିତିରେ ଉଇଘୁର ମୁସଲମାନଙ୍କ ନାମରେ ଇସଲାମିକ୍ ଷ୍ଟେଟର ଏହି ବିବୃତି ଏହାକୁ ଧମକ ଦେଉଥିବା ପରି ମନେହୁଏ । ଏଠାରେ ଆମେ କହି ରଖୁଛୁ ଯେ ପାକିସ୍ତାନ ସମେତ ଅଧିକାଂଶ ମୁସଲମାନ ଦେଶ ଉଇଘୁର ମୁସଲମାନଙ୍କ ଉପରେ ଅତ୍ୟାଚାର ଉପରେ ନୀରବ ଅଛନ୍ତି।୨୦୨୧ ମସିହାରେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଫେରିଥିଲା । ସେତେବେଳେ ବିଶ୍ୱର ସମସ୍ତ ଦେଶ ଆଫଗାନିସ୍ତାନରୁ ବାହାରି ଯାଇଥିଲେ । କିନ୍ତୁ ଚୀନର ଅନେକ ଅର୍ଥନୈତିକ ପ୍ରକଳ୍ପ ଆଫଗାନିସ୍ତାନରେ ଚାଲିଛି। ପୁଲିସ ମୁଖପାତ୍ର ଖାଲିଦ ଜାଦ୍ରାନ୍ କହିଛନ୍ତି ଯେ ରେଷ୍ଟୋରାଁଟି ଜଣେ ଆଫଗାନ ନାଗରିକଙ୍କ ଦ୍ୱାରା ଚଳାଯାଉଥିଲା, ଯେଉଁଥିରେ ଜଣେ ଚାଇନିଜ୍ ପୁରୁଷ ଓ ତାଙ୍କ ପତ୍ନୀ ଅଂଶୀଦାର ଥିଲେ ।

# ଗାଜା ଆମର: ଟ୍ରମ୍ପଙ୍କ ଶାନ୍ତି ବୋର୍ଡକୁ 'ଅପରିପକ୍ୱ ଚୁକ୍ତି' ବୋଲି କହିଲେ ଇସ୍ରାଏଲ ମନ୍ତ୍ରୀ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶାନ୍ତି ବୋର୍ଡରେ ଯୋଗଦେବାକୁ ଇସ୍ରାଏଲକୁ କୁହାଯାଇଛି ଯାହା ଗାଜା ଶାନ୍ତି ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟର ତଦାରଖ କରିବ ବୋଲି ସୋମବାର ଜଣେ ଇସ୍ରାଏଲୀ ଅଧିକାରୀ କହିଛନ୍ତି । ନାମ ଗୋପନ ରଖିବା ସର୍ତ୍ତରେ ଅଧିକାରୀ ଜଣକ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି କି ନାହିଁ ତାହା ସେ ଜାଣନ୍ତି ନାହିଁ । କିନ୍ତୁ ଏହା ଏକ ଅପରିପକ୍ୱ ଚୁକ୍ତି, ଯାହାକୁ ଭାଙ୍ଗିଦେବା ଉଚିତ । ଋଷ୍, ବେଲାରୁଷ୍, ସ୍ଲୋଭେନିଆ, ଥାଇଲାଣ୍ଡ ଓ ୟୁରୋପୀୟ ସଂଘର କାର୍ଯ୍ୟନିର୍ବାହୀ ଶାଖା ମଧ୍ୟ ନିମନ୍ତ୍ରଣ ଗ୍ରହଣ କରିଥିଲେୟବୋର୍ଡରେ ଯୋଗଦେବାକୁ କେତେ ନେତାଙ୍କୁ ଡକାଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ଅସ୍ୱବିରତି ଚୁକ୍ତିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବୋର୍ଡରେ ଇସ୍ରାଏଲର ସମ୍ଭାବ୍ୟ ଭୂମିକା ମଧ୍ୟ ଅଜ୍ଞାତ, ଯାହା ସେମାନଙ୍କୁ ସିଧାସଳଖ ଜଡିତ କରିଛି । ନିମନ୍ତ୍ରଣ ପତ୍ରରେ ଟ୍ରମ୍ପଙ୍କ ଏକ ସନ୍ଦର୍ଭରେ କୁହାଯାଇଛି ଯେ ଏହି ସଂସ୍ଥା 'ବିଶ୍ୱ ବିବାଦର ସମାଧାନ ପାଇଁ ଏକ ସାହସିକ ନୂତନ ଆଭିମୁଖ୍ୟ ଗ୍ରହଣ କରିବ', ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୃଷ୍ଟି ହୋଇଥିବା ବିଶ୍ୱ ସଂଗଠନର ସବୁଠାରୁ ଶକ୍ତିଶାଳୀ ସଂସ୍ଥା ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରତିଦ୍ୱନ୍ଦ୍ୱୀ ଭାବରେ କାର୍ଯ୍ୟ କରିପାରେ । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ଘନିଷ୍ଠ ଜଣେ ଫ୍ରାନ୍ସର ଅଧିକାରୀ ସୋମବାର କହିଛନ୍ତି ଯେ, ନିମନ୍ତ୍ରଣ ପାଇବା ସତ୍ତ୍ୱେ ଫ୍ରାନ୍ସ ଏହି ପର୍ଯ୍ୟାୟରେ ଶାନ୍ତି ବୋର୍ଡରେ ଯୋଗଦେବାକୁ ଯୋଜନା କରୁନାହିଁ । ଏହି ପ୍ରସଙ୍ଗ ମିଳିତ ଜାତିସଂଘର ନୀତି ଓ ଢାଞ୍ଚାକୁ ସମ୍ମାନ ଦେବା ନେଇ ପ୍ରଶ୍ନ ଉଠାଉଛି। ସୋମବାର ବିଳମ୍ବିତ ରାତିରେ ମାକ୍ରନ୍ ଯୋଗଦେବାର ସମ୍ଭାବନା ନାହିଁ ବୋଲି କହିବା ପରେ ଟ୍ରମ୍ପ କହିଛନ୍ତି, କେହି ତାଙ୍କୁ ଚାହାନ୍ତି ନାହିଁ କାରଣ ସେ ଖୁବ୍ ଶୀଘ୍ର ପଦରୁ ବିଦାୟ ନେବେ । ୱାସିଂଟନ ଫେରିବା ପୂର୍ବରୁ ଟ୍ରମ୍ପ ଫ୍ଲୋରିଡାରେ ସାମ୍ବାଦିକମାନଙ୍କୁ କହିଛନ୍ତି, ମୁଁ ତାଙ୍କ ମଦ ଓ ଶାମ୍ପେନ ଉପରେ ୨୦୦% ଶୁଳ୍କ ଲଗାଇବି ଏବଂ ସେ ଏଥିରେ ଯୋଗଦେବେ । କିନ୍ତୁ ତାଙ୍କୁ ଏଥିରେ ଯୋଗଦେବାକୁ ପଡିବ ନାହିଁ । ମରକ୍କୋର ରାଜା ମହମ୍ମଦ ଷଷ୍ଠ ସୋମବାର ପ୍ରଥମ ଆରବ ନେତା ଓ ପଞ୍ଚମ ବିଶ୍ୱ ନେତା ଭାବରେ ଏଥିରେ ଯୋଗ ଦେଇଛନ୍ତି। ଭିଏତନାମ, କାଜାଖସ୍ତାନ, ହଙ୍ଗେରୀ ଓ ଆର୍ଜେଣ୍ଟିନା ମଧ୍ୟ ଏଥିରେ ସ୍ୱାକ୍ଷର କରିଛନ୍ତି। ଋଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହି ନିମନ୍ତ୍ରଣ ଗ୍ରହଣ କରିଛନ୍ତି ଏବଂ କ୍ରେମଲିନ୍ ବର୍ତ୍ତମାନ ସବିଶେଷ ତଥ୍ୟ ଅଧ୍ୟୟନ କରୁଛି । ବେଲାରୁଷର ବୈଦେଶିକ ମନ୍ତ୍ରାଳୟ ଅନୁଯାୟୀ, ଏହାର ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାଶେଙ୍କୋ ଏଥିରେ ଅଂଶଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଥାଇଲାଣ୍ଡ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଏହାକୁ ନିମନ୍ତ୍ରଣ କରାଯାଇଛି ଏବଂ ସବିଶେଷ ତଥ୍ୟର ସମୀକ୍ଷା କରାଯାଉଛି ।

# ଆମେରିକାରେ ପ୍ରବଳ ତୁଷାରପାତ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଆମେରିକାର ମଧ୍ୟ-ପଶ୍ଚିମ ଅଞ୍ଚଳରେ ପ୍ରବଳ ତୁଷାରପାତ ସାଧାରଣ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାହତ କରିଦେଇଛି । ଏହି ଝଡ଼ର ସବୁଠାରୁ ଖରାପ ପ୍ରଭାବ ମିସିଗାନ ରାଜ୍ୟରେ ଦେଖିବାକୁ ମିଳିଛି । ପ୍ରବଳ ତୁଷାରପାତ ଓ ଅତ୍ୟନ୍ତ ଦୁର୍ବଳ ଦୃଶ୍ୟମାନ୍ୟତା ଯୋଗୁ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଗୋଟିଏ ରାଜପଥରେ ୧୦୦ରୁ ଅଧିକ ଗାଡ଼ି ପରସ୍ପର ସହିତ ପଛକୁ ପଛ ଧକ୍କା ହୋଇଛନ୍ତି । ଏହି ଦୁର୍ଘଟଣାକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସବୁଠାରୁ ଗୁରୁତର ଶୀତକାଳୀନ ଘଟଣା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ପ୍ରବଳ ତୁଷାରପାତ ହେଉଥିଲା । ରାସ୍ତା ଧଳା ବରଫର ଚାଦରରେ ଆଚ୍ଛାଦିତ ହୋଇଥିଲା । ଯାହା ଫଳରେ ରାସ୍ତାକୁ ସ୍ପଷ୍ଟ ଭାବରେ ଦେଖିବା କଷ୍ଟକର ହୋଇପଡ଼ିଥିଲା । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଗୋଟିଏ ଗାଡ଼ି ହଠାତ୍ ରାସ୍ତାରୁ ଖସିଯାଇଥିଲା । ପଛରେ ଥିବା ଗାଡ଼ିଗୁଡ଼ିକ ସମୟ ମଧ୍ୟରେ ବ୍ରେକ୍ ଦେଇପାରିଲେ ନାହିଁ । ଫଳରେ ପଛକୁ ପଛ ଗୋଟିଏ ପରେ ଗୋଟିଏ ଗାଡ଼ିଧକ୍କା ହୋଇଥିଲା । କିଛି ସେକେଣ୍ଡ ମଧ୍ୟରେ ଏହା ଏକ ବଡ଼ ଦୁର୍ଘଟଣାରେ ପରିଣତ ହୋଇଥିଲା । ଚାଳକମାନେ ନିଜ ନିଜ ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ସମୟ ପାଇଡ଼ିଥିଲେ । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଛନ୍ତି । ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି ।

# ଯୁବପିଢ଼ିଙ୍କୁ ଉସୁକାଉଛନ୍ତି ମୁନିର

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ମୁହଁଫୁଟାଣି ଛାଡୁନି ପାକିସ୍ତାନ । ପାଖରେ ଖାଇବାକୁ ଦାନା ନାହିଁ, କିନ୍ତୁ ଭାରତ ବିରୋଧରେ ରଚିଚାଲିଛି ଗୋଟିଏ ପରେ ଗୋଟିଏ ଷଡ଼ଯନ୍ତ୍ର । କେବଳ ଭାରତ କାହିଁକି ପାକିସ୍ତାନର ଆଉ ଏକ ପଡ଼ୋଶୀ ରାଷ୍ଟ୍ର ଆଫଗାନିସ୍ତାନ ବିରୋଧରେ ବି ରଚିଚାଲିଛି ଷଡ଼ଯନ୍ତ୍ର । ଆଉ ପାକିସ୍ତାନର ଏଭଳି ଆଭିମୁଖ୍ୟ ପାଇଁ ଦାୟୀ ହେଉଛନ୍ତି ତାଙ୍କ ନେତା ଏବଂ ସାମରିକ ଅଧିକାରୀ । ପାକିସ୍ତାନର ପ୍ରତିରକ୍ଷା ବିଭାଗ ମୁଖ୍ୟ, ଫିଲ୍ଡ ମାର୍ଶାଲ ଅସୀମ ମୁନିର ମଧ୍ୟ ଦେଶର ଯୁବପିଢ଼ିଙ୍କୁ ଉସୁକାଇ ଚାଲିଛନ୍ତି । ନିକଟରେ ଏକ ବିବାଦୀୟ ବୟାନ ଦେଇଛନ୍ତି ମୁନିର ସେ କହିଛନ୍ତି, ପାକିସ୍ତାନ ଇସଲାମ ନାମରେ ସୃଷ୍ଟି ହୋଇଥିଲା ଏବଂ ଏହା ତା'ର ଲକ୍ଷ୍ୟ ଆଡ଼କୁ ଆଗକୁ ବଢୁଛି । ମୁନିର ନୱାଜ ସରିଫଙ୍କ ନାତି ଏବଂ ମରିୟମ ନୱାଜଙ୍କ ପୁଅ ଜୁନୈଦ ସଫଦରଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ । ରିପୋର୍ଟ ଅନୁଯାୟୀ, ଲାହୋରରେ ଏକ ସାଧାରଣ ସମାବେଶକୁ ସମ୍ବୋଧିତ କରିବା ସମୟରେ ସେ କହିଥିଲେ, ପାକିସ୍ତାନର ମୂଳଦୁଆ ହେଉଛି ଇସଲାମ, ଏବଂ ଏହା ସ୍ଥିର ଭାବରେ ଏହାର ଲକ୍ଷ୍ୟ ଆଡ଼କୁ ଆଗକୁ ବଢୁଛି । ବିଶ୍ୱର



ଇସଲାମିକ ଦେଶମାନେ ପାକିସ୍ତାନକୁ ଚିହ୍ନିଛନ୍ତି । ଆମେ ଆଲ୍ଲାହଙ୍କ କୃପା ସହିତ ଆଗକୁ ବଢୁଛୁ ଏବଂ ଆମର ଲକ୍ଷ୍ୟରେ ସଫଳ ହେବୁ । ମୁନିରଙ୍କ ଘୃଣ୍ୟ ଉଦ୍ଦେଶ୍ୟ ଅନେକ ଥର ପ୍ରକାଶ ପାଇଛି । ସେ ଭାରତ ବିରୋଧରେ ବିଷ ମଧ୍ୟ ଓଗାଳିଛନ୍ତି, କିନ୍ତୁ ଏବେ ପାକିସ୍ତାନରେ ପ୍ରତିବାଦର ସ୍ୱର ଉଠିବା ଆରମ୍ଭ ହୋଇଛି । ମୁନିରଙ୍କ ବୟାନ ପରେ, ଦାବି କରାଯାଉଛି ଯେ ଲୋକମାନେ ତାଙ୍କୁ ସମାଲୋଚନା କରୁଛନ୍ତି । ରିପୋର୍ଟ ଅନୁଯାୟୀ, ମୁନିର ତାଙ୍କ କାମ ପରିତ୍ୟାଗ କରିଛନ୍ତି ଏବଂ ଜଣେ ଧର୍ମଗୁରୁଙ୍କ ପରି ଧାର୍ମିକ ଉପଦେଶ ଦେଉଛନ୍ତି, ଯାହା ଉଗ୍ରବାଦକୁ ପ୍ରୋତ୍ସାହିତ କରୁଛି । ମୁନିର ପୂର୍ବରୁ ପାକିସ୍ତାନୀ ଯୁବକମାନଙ୍କୁ ଉସୁକାଇବା ପାଇଁ ଭାଷଣ ଦେଇଛନ୍ତି । ଗତ ବର୍ଷ ଏପ୍ରିଲ ୧୭ ତାରିଖରେ ସେ କହିଥିଲେ ଯେ ଆମେ ହିନ୍ଦୁଙ୍କଠାରୁ ଭିନ୍ନ ଏବଂ କାଶ୍ମୀରକୁ ପାକିସ୍ତାନର ଅଂଶ ବୋଲି ଭାବୁ । ପାକିସ୍ତାନ କେବଳ ଭାରତ ନୁହେଁ ଏବେ ଆଫଗାନିସ୍ତାନ ସହିତ ବି ଲଢୁଛି । ଗତ ସୋମବାର ପାକିସ୍ତାନ ଏବଂ ଆଫଗାନିସ୍ତାନ ବିବାଦ ଚମନ ସୀମାରେ ପହଞ୍ଚିଛି । କିଲା ସୈଫୁଲ୍ଲା ସେକ୍ଟରରେ ଉଭୟ ଦେଶର ସେନା ଗୁଳି ବିନିମୟ କରିଥିଲେ, କିଛି ସମୟ ପରେ ପାକିସ୍ତାନ ଦ୍ୱାରା ଆଫଗାନ ସେନା ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା । କିନ୍ତୁ ଆଫଗାନିସ୍ତାନକୁ କେତେ କ୍ଷତି ହୋଇଛି ସେନେଇ କୌଣସି ସୂଚନା ମିଳିପାରିନାହିଁ ।

# 'ପୁରୁଣା ପିଢି ଅବସର ନେଇ ନୂଆ ପିଢିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ଉଚିତ୍'

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ବଡ଼ ବୟାନ । ଯେତେବେଳେ ସବୁକିଛି ସୁଚାରୁ ରୂପେ ପରିଚାଳିତ ହେବ ପୁରୁଣା ପିଢି ଅବସର ନେଇ ନୂଆ ପିଢିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ଉଚିତ । ସେମାନେ ନୂଆ ପିଢିଙ୍କୁ ଦାୟିତ୍ୱ ଦେବା ସହ ସେମାନଙ୍କ ମାର୍ଗଦର୍ଶନ କରିବା ଆବଶ୍ୟକ । ମହାରାଷ୍ଟ୍ରର ନାଗପୁରରେ ଏକ କାର୍ଯ୍ୟକ୍ରମରେ ଗଡ଼କରୀ ଏହି ବୟାନ ଦେଇଛନ୍ତି । ନାଗପୁରରେ ଆଡଭାଣ୍ଟେଜ୍ ବିଦର୍ଭ-ଖାସଦାର ଔଦ୍ୟୋଗିକ ମହୋତ୍ସବ ପୂର୍ବରୁ ଏହାକୁ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଡ଼କରୀ କହିଛନ୍ତି



ଯେ, ଦେଶ ଏବଂ ସମାଜର ଉନ୍ନତ ଭବିଷ୍ୟତ ଲାଗି ନୂଆ ପିଢିକୁ ଠିକ୍ ସମୟରେ ବଡ଼ ଦାୟିତ୍ୱ ଦିଆଯିବା କଥା । ବ୍ୟବସ୍ଥା ଠିକ୍ ଭାବେ ଚାଲିଲେ ପୁରୁଣା ପିଢି ନିଜେ ପଛକୁ ହଟିଯାଇ ଅନ୍ୟ କାମ କରିବା ଉଚିତ । ପିଢିରେ ପରିବର୍ତ୍ତନ ସ୍ୱାଭାବିକ ଏବଂ ଜରୁରି ବୋଲି ସେ ପ୍ରକାଶ କରିଥିଲେ । ଆଡଭାଣ୍ଟେଜ୍ ବିଦର୍ଭ-ଖାସଦାର ଔଦ୍ୟୋଗିକ ମହୋତ୍ସବ ଫେବୃଆରୀ ୬-୮ ତାରିଖ ଯାଏ ନାଗପୁରରେ ଆୟୋଜିତ ହେବ । ଭାରତର ଔଦ୍ୟୋଗିକ ମାନଚିତ୍ରରେ ବିଦର୍ଭକୁ ଏକ ମଜଭୁତ ଏବଂ ବିକାଶର କେନ୍ଦ୍ର ଭାବେ ସ୍ଥାପିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଗଡ଼କରୀ କହିଛନ୍ତି।

# ଶଙ୍କରାଚାର୍ଯ୍ୟ କିଏ ହେବ ? ସେ ନିଷ୍ପତ୍ତି ନେବାର ଅଧିକାର ରାଷ୍ଟ୍ରପତିଙ୍କର ନାହିଁ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟଙ୍କୁ ନେଇ ଚାଲିଥିବା ବିବାଦ ଥମିବାର ନାଁ ନେଉନାହିଁ । ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଏବେ ସରକାର ଓ ପ୍ରଶାସନକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ରାଷ୍ଟ୍ରପତି କିଏ ଶଙ୍କରାଚାର୍ଯ୍ୟ ହେବେ ତାହା ସ୍ଥିର କରିପାରିବେ ନାହିଁ । ରାଷ୍ଟ୍ରପତିଙ୍କ ପାଖରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ଥିର କରିବାର ଅଧିକାର ନାହିଁ । ଉଲ୍ଲେଖନୀୟ, ମାଘ ମେଳା ପ୍ରଶାସନ ପକ୍ଷରୁ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କୁ ଏକ ନୋଟିସ୍ ଜାରି କରାଯାଇ ଶଙ୍କରାଚାର୍ଯ୍ୟ ଭାବରେ ତାଙ୍କ ପଦବୀ ଉପରେ ପ୍ରଶ୍ନ ଉଠାଯାଇଛି।ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍ତି, ଶଙ୍କରାଚାର୍ଯ୍ୟ ହେଉଛନ୍ତି ଜଣେ ଯିଏ ଅନ୍ୟ ତିନୋଟି ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗ୍ରହଣୀୟ । ତିନୋଟି ପୀଠ ମଧ୍ୟରୁ ଦୁଇଟିର ଶଙ୍କରାଚାର୍ଯ୍ୟ ମୋତେ ଶଙ୍କରାଚାର୍ଯ୍ୟ ବୋଲି ମାନିଛନ୍ତି । ସେମାନେ ଗତ ମାଘ ମେଳାରେ ମୋ ସହିତ ସ୍ନାନ ମଧ୍ୟ କରିଥିଲେ । ଯେତେବେଳେ ଦ୍ୱାରକା ଓ ଶୃଙ୍ଗେରିର ଶଙ୍କରାଚାର୍ଯ୍ୟ କହିଥିଲେ, ତୁମେ ଶଙ୍କରାଚାର୍ଯ୍ୟ ଆଉ ଆମ ସହିତ ସ୍ନାନ କରୁଛ । ତେବେ ଏହାଠାରୁ ଆଉ କଣ ପ୍ରମାଣ ଆବଶ୍ୟକ ବୋଲି ଅଭିମୁକ୍ତେଶ୍ୱରାନନ୍ଦ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ପ୍ରଶାସନ କ'ଣ ନିଷ୍ପତ୍ତି ନେବେ ଯେ, କିଏ ଶଙ୍କରାଚାର୍ଯ୍ୟ କି ନାହିଁ ? ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏହା ନିଷ୍ପତ୍ତି ନେବେ କି ଦେଶର ରାଷ୍ଟ୍ରପତି ? ଭାରତର ରାଷ୍ଟ୍ରପତିଙ୍କର ମଧ୍ୟ ଏହା ନିଷ୍ପତ୍ତି ନେବାର ଅଧିକାର ନାହିଁ



ଯେ, କିଏ ଶଙ୍କରାଚାର୍ଯ୍ୟ ଆଉ କିଏ ନୁହେଁ । ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ନିର୍ଣ୍ଣୟ ଶଙ୍କରାଚାର୍ଯ୍ୟ ଗ୍ରହଣ କରିଥାନ୍ତି । ପୁରୀର ଶଙ୍କରାଚାର୍ଯ୍ୟ ଏହା ଉପରେ କିଛି କହି ନାହାନ୍ତି । ସେ ନୀରବ ଅଛନ୍ତି । ସୁପ୍ରିମକୋର୍ଟରେ ତାଙ୍କ ସତ୍ୟପାଠ ନେଇ କୁହାଯାଇଥିଲା ଯେ, ସେ ଆପତ୍ତି କରିଥିଲେ । କିନ୍ତୁ ଯେତେବେଳେ ଆମେ ସତ୍ୟପାଠର ଏକ କପି ଦେଖିଲୁ, ସେଥିରେ ସ୍ପଷ୍ଟ ଭାବରେ ଲେଖା ଅଛି ଯେ, ତାଙ୍କଠାରୁ କୌଣସି ସମର୍ଥନ ଲୋଡ଼ାଯାଇ ନଥିଲା, ତେଣୁ ଏଥିରୁ ସ୍ପଷ୍ଟ ସେ କୌଣସି ମତାମତ ଦେଇ ନଥିଲେ । ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି, ତାଙ୍କ ପାଖରେ ଦୁଇ ଶଙ୍କରାଚାର୍ଯ୍ୟଙ୍କ ସ୍ପଷ୍ଟ ଲିଖିତ ଓ ବ୍ୟବହାରିକ ସମର୍ଥନ ଅଛି । ତୃତୀୟ ଶଙ୍କରାଚାର୍ଯ୍ୟଙ୍କ ମୌନ ସମ୍ମତି ଅଛି । ସେ କହିଛନ୍ତି ଶଙ୍କରାଚାର୍ଯ୍ୟ ଆଉ କିଏ ? ମୁଁ ଜ୍ୟୋର୍ତିମଠର ଶଙ୍କରାଚାର୍ଯ୍ୟ । ତାହା ପୁଣି ନିର୍ବିବାଦ ଭାବରେ । ପୂର୍ବରୁ,ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ସଙ୍ଗମକୁ ଯିବାରୁ ବାରଣ କରାଯାଇଥିବା ଅଭିଯୋଗ ସମ୍ପର୍କରେ ପ୍ରଶାସନ ସ୍ପଷ୍ଟୀକରଣ ଦେଇଥିଲେ । ଅଧିକାରୀମାନେ କହିଥିଲେ ଯେ, ତାଙ୍କୁ ସଙ୍ଗମରେ ସ୍ନାନ କରିବାକୁ ବାରଣ କରାଯାଇ ନଥିଲା, ବରଂ କେବଳ ଗାଡ଼ିରେ ଯାତ୍ରା କରିବାକୁ ଅନୁମତି ମନା କରାଯାଇଥିଲା। ପ୍ରଶାସନ ଅନୁଯାୟୀ, ତାଙ୍କୁ ଗାଡ଼ିରୁ ଓହ୍ଲାଇ ଚାଲି ଚାଲି ଯାଇ ସ୍ନାନ କରିବାକୁ ଅନୁରୋଧ କରାଯାଇଥିଲା । ତିନି ଘଣ୍ଟାର ବୁଝାସୁଝା ସତ୍ତ୍ୱେ, ସେ ନିଜ ଜିଦରେ ଅଟଳ ରହିଲେ ଓ ଅନୁମତି ବିନା ମୌନୀ ଅମାବାସ୍ୟାର ଗୁରୁତ୍ୱପୂର୍ଣ୍ଣ ସ୍ନାନ ଉତ୍ସବର ବ୍ୟବସ୍ଥାକୁ ବାଧା ଦେବାକୁ ଚେଷ୍ଟା କରିଥିଲେ ।

# ଗହଣା ବଜାରରେ ନିଆଁ !

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ସୁନା ଓ ରୁପା ବଜାରରେ ନିଆଁ ଲାଗିଛି । ଦିନକୁ ଦିନ ଏହି ଦୁଇ ଧାତୁର ଦର ଉଚ୍ଚ ହାରରେ ବୃଦ୍ଧି ପାଇବାରେ ଲାଗିଛି। ସୁନା ଦର ଦେ ଲକ୍ଷ ଟଙ୍କା ମୁହାଁ ହେବାରେ ଲାଗିଛି । ମଙ୍ଗଳବାର ଭୁବନେଶ୍ୱର ବଜାରରେ ୧୦ ଗ୍ରାମ୍ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୩୦ ଟଙ୍କା ବୃଦ୍ଧି ପାଇ ୧,୪୮,୩୭୦ ଟଙ୍କାରେ ପହଞ୍ଚିଛିୟ ।ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧୯୫୦ ଟଙ୍କା ମହଙ୍ଗା ହୋଇ ୧,୩୬,୦୦୦ ଟଙ୍କାରେ ପହଞ୍ଚିଛି। ଗତ ୨୦ ଦିନ ମଧ୍ୟରେ ସୁନା ଦର ପ୍ରାୟ ୯.୮୫ ପ୍ରତିଶତ ବିସାରିଲାଣି । ସୁନା ତୁଳନାରେ ଗତ କିଛିଦିନ ହେଲା ରୁପା ଦର ଅଧିକ ମାତ୍ରାରେ ବଢୁଛି । ଗତ ୨୦ ଦିନ ମଧ୍ୟରେ ଏହାର ଦର ୨୮.୯୧ ପ୍ରତିଶତ ବିଯାଇଛି । ଗ୍ରିନଲାଟକୁ ନେଇ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ ମୁହାଁମୁହିଁ ପରିସ୍ଥିତିରେ ଅଛନ୍ତି । ଗ୍ରିନଲାଣ୍ଡ ଅକ୍ତିଆରକୁ ବିରୋଧ କଲେ ୟୁରୋପର ୮ଟି ଦେଶ ଉପରେ ୧୦ ପ୍ରତିଶତ ଶୁଳ୍କ ଆସନ୍ତା ଫେବୃଆରି ପହିଲାରୁ ଲଗାଇବେ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତ ।ଏପରିକି ଜୁନ୍ ବେଳକୁ ଏହାକୁ ୨୫ ପ୍ରତିଶତକୁ ବଢାଇବେ ବୋଲି ଧମକ ଦେଇଛନ୍ତି । ବିଶ୍ୱ ବାଣିଜ୍ୟରେ ଟ୍ରମ୍ପଙ୍କ ଶୁଳ୍କ ଧମକକୁ ନେଇ ଚିନ୍ତା ବିଯାଇଛି। ନିବେଶକମାନେ ସୁନା ଓ ରୁପା ଭଳି ନିରାପଦ ଧାତୁରେ ନିବେଶ ପାଇଁ ପସନ୍ଦ କରୁଛନ୍ତି । ଏଥିପାଇଁ ଏହି ଧାତୁର ଚାହିଦା ବୃଦ୍ଧି ଘଟିଛି । ଏହାର ପ୍ରଭାବରେ ଦର ମାତ୍ରାଧିକ ବୃଦ୍ଧି ପାଉଥିବା କୁହାଯାଉଛି ।

# ମୁମ୍ବାଇ ଭଳି ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ଲସ୍କର !

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ପାକିସ୍ତାନରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଏକ ନୂତନ ଭିଡିଓ ଏବେ ସାମ୍ନାକୁ ଆସିଛି । ଏହା ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବୃଦ୍ଧି କରିଛି। ଭିଡିଓରେ, ଲସ୍କର-ଏ-ତୈବା ଓ ଏହାର ରାଜନୈତିକ ଶାଖା ପାକିସ୍ତାନ ମର୍କଜ ମୁସଲିମ ଲିଗ୍ ସହ ଜଡିତ ଲୋକେ ଜଳପଥରେ ଆକ୍ରମଣ ପାଇଁ ଆତଙ୍କବଦୀଙ୍କୁ ପ୍ରସ୍ତୁତ କରାଯାଉଥିବା ବିଷୟରେ କଥା ହେଉଥିବା ଦେଖାଯାଉଛି। ଭିଡିଓରେ ବିଶେଷକରି ଡଙ୍ଗା ଓ ସମୁଦ୍ର ପଥରେ ଲମ୍ବା ଯାତ୍ରା ପାଇଁ ତାଲିମ ଉପରେ ଗୁରୁତ୍ୱାରୋପ କରାଯାଇଛି । ଭିଡିଓକୁ ଗମ୍ଭୀର ବୋଲି ବିବେଚନା କରାଯାଉଛି କାରଣ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଅଂଶଗ୍ରହଣକାରୀ ଅଜମଲ କସାବ ସମୁଦ୍ର ପଥରେ ଭାରତରେ ପ୍ରବେଶ କରିଥିଲା । ତେଣୁ ଲସ୍କର-ଏ-ତୈବା ଦ୍ୱାରା ଆତଙ୍କବାଦୀଙ୍କୁ ତାଲିମ ଦିଆଯିବା ଭିଡିଓକୁ ଏଭଳି ଆକ୍ରମଣ ପାଇଁ ଏକ ପ୍ରସ୍ତୁତି ଭାବରେ ଦେଖାଯାଉଛି। ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରାଯାଇଛି । ଭିଡିଓରେ ଥିବା ବ୍ୟକ୍ତିଙ୍କୁ ଲସ୍କର-ଏ-ତୈବା କମାଣ୍ଡର ହରିଶ ଡାର ଭାବରେ ଚିହ୍ନଟ କରାଯାଇଛି । ସେ ନିଯୁକ୍ତି ପାଇଥିବା ନୂଆ ଆତଙ୍କବାଦୀଙ୍କୁ ସମ୍ବୋଧିତ କରି ପାଣିରେ ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ସେ ସ୍କୁବା ଡାଇଭିଂ, ପହଁରିବା, ଡଙ୍ଗା ପରିଚାଳନା ଓ ଉଦ୍ଧାର ଭଳି କାର୍ଯ୍ୟକଳାପ ବିଷୟରେ ଉଲ୍ଲେଖ କରିଛନ୍ତି । ଯାହା ସ୍ପଷ୍ଟ କରୁଛି ସଂଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ପ୍ରସ୍ତୁତ କରୁଛି। ଭିଡିଓରେ ଅନ୍ୟ ଜଣେ ଲସ୍କର କମାଣ୍ଡରଙ୍କୁ କହୁଥିବାର ଶୁଣାଯାଉଛି ଯେ, ସଂଗଠନ ଏକ ଜଳ ବାହିନୀ ପ୍ରସ୍ତୁତ କରୁଛି। ସେ ଦାବି କରିଛନ୍ତି, ୧୩୫ ଜଣଙ୍କୁ ଡଙ୍ଗା ଚଳାଇବା ପାଇଁ ତାଲିମ ଦିଆଯାଇଛି । ଭାରତୀୟ ଗଣମାଧ୍ୟମରେ ତାଙ୍କ ସଂଗଠନକୁ ମିଳୁଥିବା କଭରେଜ୍ ନେଇ ସେ ଗର୍ବ କରୁଥିବା ଅଭିଯୋଗ କରିଛନ୍ତି । ଗତ କିଛି ଦିନ ମଧ୍ୟରେ ପାକିସ୍ତାନ ମାଟିରୁ ଭାରତ ବିରୋଧରେ ବିଷ ଓଗାଳିବା ଭଳି ଅନେକ ଭିଡିଓ ସାମ୍ନାକୁ ଆସିଛି । ଲସ୍କର-ଏ-ତୈବା କମାଣ୍ଡର ଆମିର ଜିଆ ଭାରତରେ ବିନାଶ ଆଣିବା ଓ ପାକ୍ ଅଧିକୃତ କାଶ୍ମୀରରେ ଜିହାଦ ଆରମ୍ଭ କରିବାକୁ ଧମକ ଦେଇଥିଲା । ସେ ଗଜୱା-ଏ-ହିନ୍ଦ୍ ଭଳି ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ମଧ୍ୟ ଦେଇଥିଲା। ଉଲ୍ଲେଖନୀୟ, ଗତ ବର୍ଷ ମେ' ମାସରେ ଭାରତ ଅପରେସନ ସିନ୍ଦୂରରେ ପାକିସ୍ତାନର ପଞ୍ଜାବ ଓ ପିଓକେରେ ଆତଙ୍କବାଦୀ ଅାଡ୍ଡା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସେଥିରେ ଜୈଶ-ଏ-ମହମ୍ମଦ ଓ ଲସ୍କର-ଏ-ତୈବାର ଅନେକ ଆଡ୍ଡା ଧ୍ୱଂସ ହୋଇଯାଇଥିଲା ।

# ସାଂଗଠନିକ ଶକ୍ତି ହେଉଛି ବିଜେପିର ବଡ଼ ସମ୍ପତ୍ତି

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହେବା ପରେ ତାଙ୍କର ପ୍ରଥମ ଭାଷଣରେ, ନୀତିନ ନବୀନ ଦଳର ଇତିହାସ, ଆଦର୍ଶଗତ ସଂଘର୍ଷ ଏବଂ ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଖୋଲାଖୋଲି ଭାବରେ କହିଛନ୍ତି । ପୂର୍ବତନ ଜାତୀୟ ସଭାପତିମାନଙ୍କୁ ମନେ ପକାଇ ସେ ଦଳୀୟ କର୍ମୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ବିଜେପିର ଯାତ୍ରା ତ୍ୟାଗ, ସଂଘର୍ଷ ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ ୟନୀତିନ ନବୀନ ଏହି ଅବସରରେ ଦଳର ସମସ୍ତ ପୂର୍ବତନ ଜାତୀୟ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଜନସଂଘ ଯୁଗରୁ, ବିଜେପି କର୍ମୀମାନେ କିଛି ସଂକଳ୍ପ ଏବଂ ସ୍ଲୋଗାନ ସହିତ ଆଗକୁ ବଢୁଛନ୍ତି ଯାହା ଦଳର ଆଦର୍ଶ ଦିଗକୁ ସ୍ଥିର କରିଥାଏ । ସେ ତାଙ୍କ ଭାଷଣରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ପଥ ପ୍ରଶସ୍ତ ହେବା ଏବଂ ଜମ୍ମୁ କାଶ୍ମୀରରୁ ଧାରା ୩୭୦ ହଟାଇବା ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ କାଶ୍ମୀରର ଲୋକମାନେ ଏହି ପରିବର୍ତ୍ତନ ଅନୁଭବ କରିଛନ୍ତି, ଏବଂ ଆଜି ଶ୍ରୀନଗରର ଲାଲ ଚୌକରେ ତ୍ରିରଙ୍ଗା ଉଡୁଥିବା ଦେଖିବା ଗର୍ବର ବିଷୟ । ନୀତିନ ନବୀନ କହିଛନ୍ତି ଯେ ଗୋଟିଏ ସମୟ ଥିଲା ଯେତେବେଳେ କାଶ୍ମୀରର ପରିସ୍ଥିତି ଭିନ୍ନ ଥିଲା ଏବଂ କେନ୍ଦ୍ର ସରକାରଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଯାଉଥିଲା । ସେ କହିଛନ୍ତି ଯେ ଧାରା ୩୭୦ ପ୍ରତ୍ୟାହାର ପରେ କାଶ୍ମୀରର ପରିବେଶ ସକାରାତ୍ମକ ଭାବରେ ପରିବର୍ତ୍ତନ ହୋଇଛି । ଆଗାମୀ କିଛି ମାସ ମଧ୍ୟରେ ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ, କେରଳ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ରାଜ୍ୟଗୁଡ଼ିକରେ ଜନସଂଖ୍ୟାଗତ ପରିବର୍ତ୍ତନକୁ ଦଳ ପାଇଁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛନ୍ତି ବୋଲି କହିଛନ୍ତି ନୀତିନ । ଏହାଛଡ଼ା ନୀତିନ ନବୀନ ବିଜେପି କର୍ମୀଙ୍କ କଠିନ ପରିଶ୍ରମ ଏବଂ ସଂଘର୍ଷକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି କର୍ମୀଙ୍କ ପରିଶ୍ରମ ଓ ସଂଘର୍ଷ ମାଧ୍ୟମରେ ଏହି ସମସ୍ତ ରାଜ୍ୟରେ ଦଳକୁ ଦୃଢ଼ ନେତୃତ୍ୱ ମିଳିଛି । ଆଉ ସାଂଗଠନିକ ଶକ୍ତି ହେଉଛି ବିଜେପିର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ନୀତିନ କହିଛନ୍ତି ।



## ୨୭ରୁ ହେବ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ

**ଭୁବନେଶ୍ୱର, ୨୦।୧ (ନି.ପ୍ର):** ଜାନୁଆରୀ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟସ୍ଥିତ ବ୍ୟାସବିହାର କ୍ୟାମ୍ପସଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱରର ମିଳିତ ସହଯୋଗରେ ୩୯ତମ ଆନ୍ତଃ ବିଶ୍ୱବିଦ୍ୟାଳୟ ପୂର୍ବଜନ ଯୁବ ମହୋତ୍ସବ 'ୟୁନିଫେଷ୍ଟ ୨୦୨୫-୨୬' ଆୟୋଜନ କରିବ ବୋଲି ବିଶ୍ୱବିଦ୍ୟାଳୟର ପି.ଜି କାଉନସିଲ୍‌ର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସଂଯୋଜକ ଡଃ ନିହାର ରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଡ. ଅସୀମ ଅମିତାଭ ପ୍ରଧାନ ଏବଂ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ପ୍ରକାଶ କରିଛନ୍ତି।



ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ କହିଛନ୍ତି ଯେ, ଏହି ଯୁବ ମହୋତ୍ସବର ନାମ ଉତ୍ସାହ-୨୦୨୬ ରଖାଯାଇଛି। ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ପୂର୍ବ ଜୋନ୍ ତଥା ଓଡ଼ିଶା, ବିହାର, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ଆଦି ମୋଟ ୨୦ଟି ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଓ ଦଳନାୟକ ଯୋଗଦେଇ ଏହାକୁ ପୂର୍ବାଞ୍ଚଳର ଯୁବ ପ୍ରତିଭାମାନଙ୍କର ଏକ ବୃହତ୍ ସାଂସ୍କୃତିକ ସମାବେଶରେ ପରିଣତ କରିବେ। ଏହି ଯୁବ ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ, ସୂକ୍ଷ୍ମକଳା ସହିତ ସମ୍ପୃକ୍ତ ସୃଜନାତ୍ମକ ବିଭାଗରେ ମୋଟ ୬ଟି ବିଭାଗ ଅଧୀନରେ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ଇଭେଣ୍ଟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେମାନେ ଆସନ୍ତା ମାର୍ଚ୍ଚ ମାସ ୧୦ରୁ ୧୪ ତାରିଖ ମଧ୍ୟରେ ଚେନ୍ନାଇଠାରେ ଅନୁଷ୍ଠିତ ହେଉଥିବା ଫାଇନାଲ ମ୍ୟାଚ୍‌ର ଜାତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବେ।

## ଥମସ ଅପ ପକ୍ଷରୁ ଭାରତର ନିଜସ୍ୱ ଘରୋଇ ବିକଶିତ କୋଲା ବ୍ରାଣ୍ଡର ଲୋଗୋ ଉନ୍ମୋଚିତ

**ଭୁବନେଶ୍ୱର, ୨୦।୧ (ନି.ପ୍ର):** ଥମସ ଅପ, ଭାରତର ନିଜସ୍ୱ ଘରୋଇ ବିକଶିତ କୋଲା ବ୍ରାଣ୍ଡର ଲୋଗୋ ଯାହା ସବୁଠାରୁ ପରିଚିତ, ଆଜି ଏକ ନୂତନ ପରିଚୟରେ ଉନ୍ମୋଚନ କରିଛି ଯାହା ପରିବର୍ତ୍ତନଶୀଳ ରଣନୈତିକ ସ୍ଥିତିକୁ ସୂଚାଉଛି ମହତ୍ଆକାଂକ୍ଷୀ, ଆତ୍ମବିଶ୍ୱାସ ସୃଷ୍ଟିକାରୀ ନୂତନ ଭାରତର ପ୍ରତିଫଳନକୁ ନେଇ। ଥମସ ଅପର ଘରୋଇ ଡ଼ିଜାଇନ ଟିମ, ଡ଼ିଜାଇନ ଏଜେନ୍ସି ସୁପର ଅଲଟ୍ରାରେ ଆର ସହ ମିଶି ଏହି ନୂତନ ପରିଚୟ ପ୍ରସ୍ତୁତ କରିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଏହା ଥମସ ଅପର ପ୍ରଥମ ଭିଜୁଆଲ ବିବର୍ତ୍ତନ। ନିଜର ପୁରୁଣା ଗୌରବମୟ ଇତିହାସ ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ଏହି ନୂତନ ରୂପ, କୋଲା ଦୁନିଆରେ ଏକ ଅଧିକ ଗତିଶୀଳ ଏବଂ ଶକ୍ତିଶାଳୀ ଦୃଶ୍ୟପଟଳକୁ ଉପସ୍ଥାପନ କରୁଛି। ଏହାର ଟ୍ରେଡ଼ମାର୍କ ଲୋଗୋ, ଯାହା ଗ୍ରାହକଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି, ତାହା ଆରମ୍ଭରୁ ମାତ୍ର ତିନି ଥର ପରିବର୍ତ୍ତିତ ହୋଇଛି। ପ୍ରତିଥର ଏହି ବିବର୍ତ୍ତନ ଯୁବ ସଂସ୍କୃତିର ପରିବର୍ତ୍ତିତ ଶୈଳୀ ଏବଂ ଯୁବ ଭାରତର ବିକାଶମୁଖୀ ଚେତନାକୁ ପ୍ରତିଫଳିତ କରିଆସିଛି।

ଥମସ ଅପର ଏହି ନୂତନ ବ୍ରାଣ୍ଡ ଦୁନିଆ ଏହାର ପୁରାତନ ସ୍ୱତନ୍ତ୍ରତା ଏବଂ ପ୍ରଭାବଶାଳୀ ଗୁଣକୁ ବଜାୟ ରଖିବା ସହିତ ଏକ ପ୍ରଗତିଶୀଳ ଏବଂ ଆଧୁନିକ ଶୈଳୀର ସୁନ୍ଦର ସମନ୍ୱୟ ରକ୍ଷା କରିଛି। ଏହାର ଟାଇପୋଗ୍ରାଫି ଏବେ ପୂର୍ବ ଅପେକ୍ଷା ଅଧିକ ତୀକ୍ଷ୍ଣ ଏବଂ ସ୍ପଷ୍ଟ ହୋଇଛି। ବ୍ରାଣ୍ଡର ସମୃଦ୍ଧ ଐତିହ୍ୟକୁ ଆଧାର କରି ଏଥିରେ ସ୍ଲାଇସଡ଼ରେଡ଼, ଆଇସଡ଼ ବ୍ଲୁ ଏବଂ ଷ୍ଟର୍ମବ୍ଲୁର ବ୍ୟବହାର କରାଯାଇଛି, ଯାହା ଶକ୍ତିଶାଳୀ ସ୍ୱାଦ, ବଜ୍ର ଭଳି ସତେଜତା ଏବଂ ଏକ ସାହସୀ ବ୍ୟକ୍ତିତ୍ୱକୁ ସୂଚାଉଛି। ଏହାର ଲୋଗୋରେ ଥିବା ବୃଦ୍ଧାଙ୍ଗୁଳି ଚିହ୍ନର ଗତିଶୀଳ ବିବରଣୀ ବ୍ରାଣ୍ଡର ମାନବିକ ସ୍ପର୍ଶ ଏବଂ ଅଦମ୍ୟ ମନୋଭାବକୁ ଦର୍ଶାଉଛି। ଏହି ନୂତନ ଦୃଶ୍ୟ ପରିଚୟ ଆଜିର ଯୁବ ପିଢ଼ିର ଆତ୍ମବିଶ୍ୱାସ, ସାଧାରଣକୁ ଆହ୍ୱାନ କରିବା ଏବଂ ପ୍ରତିଦିନ ନୂତନ ସାହସିକ ଅନୁଭୂତି ହାସଲ କରିବାର ଇଚ୍ଛାକୁ ପ୍ରତିଫଳିତ କରୁଛି। ଏହି ନୂତନ ଲୋଗୋକୁ ଭବିଷ୍ୟତ ପାଇଁ ଅଧିକ ଉନ୍ନତ




କରାଯାଇଛି, ଯାହା ସ୍କ୍ରିନ ଏବଂ ଖୁଚୁରା ଷ୍ଟୋର ଗୁଡ଼ିକରେ ଅଧିକ ପ୍ରଭାବଶାଳୀ ଭାବରେ ଦୃଶ୍ୟମାନ ହେବ।

ସୁମେଲି ଚଟାର୍ଜି, ବରିଷ୍ଠ ନିର୍ଦ୍ଦେଶକ ସ୍ପାର୍କ୍ଲିଙ୍ଗ ଫ୍ଲେଭର, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସୀଆ ଅତି ଉତ୍ସାହର ସହିତ କହିଛନ୍ତି, 'ପ୍ରାୟ ୫ ଦଶନ୍ଧି ଧରି ଥମସ ଅପ ଯୁବ ସଂସ୍କୃତିରେ ଏକ ପ୍ରଭାବଶାଳୀ ଶକ୍ତି ଭାବରେ ରହି ଆସିଛି, ଯାହା ଏହାର 'ତୁଫାନୀ' ମନୋଭାବ ଏବଂ ଅଦମ୍ୟ ଆତ୍ମବିଶ୍ୱାସ ପାଇଁ ଖୁବ୍ ଜଣାଶୁଣା। ଏହାର ଆଇକନିକ୍ 'ଟେଷ୍ଟ ଦି ଥଣ୍ଡର' ସ୍ଲୋଗାନ, ଦମଦାର ସ୍ୱାଦ ଏବଂ ସାହସିକ ଯୋଗାଯୋଗ ପିଢ଼ି ପିଢ଼ି ଧରି ଯୁବ ପିଢ଼ିଙ୍କୁ ଅନୁପ୍ରାଣୀତ କରିଆସିଛି। ଏହି ନୂତନ ଦୃଶ୍ୟମାନର ପରିଚୟ ଏକ ରଣନୈତିକ ପଦକ୍ଷେପ ଅଟେ ଯାହା ଆମର ସାଂସ୍କୃତିକ ପ୍ରାସଙ୍ଗିକତାକୁ ଆହୁରି ମଜବୁତ କରିବ ଏବଂ ଭବିଷ୍ୟତ ପାଇଁ ବ୍ରାଣ୍ଡକୁ ଅଧିକ ଗତିଶୀଳ ଏବଂ ରୋମାଂଚକର କରିବ। ମାଥ୍ୟୁ କେନିୟନ, ପ୍ରତିଷ୍ଠାତା, ଦି ସୁପରଅଲଟ୍ରାରେୟାର କହିଛନ୍ତି, 'ଆମେ ଥମସ ଅପର ପ୍ରକୃତ ସାରାଂଶକୁ ଉପସ୍ଥାପନ କରିବାକୁ ଚେଷ୍ଟା କରିଛୁ, ଯାହା ଏକ ଶକ୍ତିଶାଳୀ, ସହନଶୀଳ ଏବଂ ଆଇକନିକ ସାଂସ୍କୃତିକ ସଂକେତ ଭାବରେ ଉଭା ହୋଇଛି। ଗ୍ରାହକଙ୍କ ଭଲ ପାଉଥିବା ପୁରୁଣା ପରିଚୟକୁ ବଜାୟ ରଖି ଆମେ ଏହାକୁ ଆଜିର ଯୁବ ପିଢ଼ିଙ୍କ ପାଇଁ ଅଧିକ ସ୍ପଷ୍ଟ ଏବଂ ଦୃଢ଼ କରିଛି।

୧୯୭୭ ମସିହାରେ ଭାରତର ପ୍ରଥମ ଘରୋଇ ବୃଦ୍ଧିପ୍ରାପ୍ତ କୋଲା ଭାବରେ ଆରମ୍ଭ ହୋଇଥିବା ଥମସ ଅପ ଏହାର ମସଲାଯୁକ୍ତ ସ୍ୱାଦ ଏବଂ ସାହସି ପରିଚୟ ଦ୍ୱାରା ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି।

## ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଯୁବ ଖେଳାଳି ମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି

**ଝାରସୁଗୁଡ଼ା, ୨୦।୧ (ନି.ପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ନୂଆଦିଲ୍ଲୀରେ ଜାତୀୟ କରାଟେ ଫେଡେରେସନ ଦ୍ୱାରା ଆୟୋଜିତ ଜାତୀୟ କରାଟେ ଚାମ୍ପିଅନସିପ୍ ୨୦୨୫ ରେ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଯୁବ ଖେଳାଳିମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦେଶର କିଛି ଉତ୍କୃଷ୍ଟ ମାର୍ଶାଲ ଆର୍ଟିଷ୍ଟଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରି, ଝାରସୁଗୁଡ଼ାର ଦଳ ବିଭିନ୍ନ ବର୍ଗରେ ପ୍ରଭାବଶାଳୀ ପଦକ ହାସଲ କରିଛନ୍ତି।

ବେଦାନ୍ତ ଝାରସୁଗୁଡାର ସମ୍ପ୍ରଦାୟ କ୍ରୀଡା ପଦକ୍ଷେପ ଅଧୀନରେ ତାଲିମପ୍ରାପ୍ତ ଖେଳାଳିମାନେ ଉଲ୍ଲେଖନୀୟ ଦକ୍ଷତା, ଶୃଙ୍ଖଳା ଏବଂ ଦୃଢ଼ତା ପ୍ରଦର୍ଶନ କରିଥିଲେ। ରେଡ୍ଡି କମଲେଶ ପ୍ରଧାନ ୯ ବର୍ଷରୁ କମ୍ ବର୍ଗରେ କୁମିତେରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୭ ବର୍ଷରୁ କମ୍ ବର୍ଗରେ ମୁକ୍ତିକାନ୍ତ ନାୟକ କାଟାରେ ରୌପ୍ୟ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ, ଯେତେବେଳେ ଓମ୍ କୁମାର ଗୁପ୍ତା ୧୯ ବର୍ଷରୁ କମ୍ ବର୍ଗରେ କାଟାରେ ସ୍ୱର୍ଣ୍ଣ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ। ଅନିକେତ ଠାକୁର କାଟାରେ ରୌପ୍ୟ ଏବଂ ୧୯ ବର୍ଷରୁ ଅଧିକ ବର୍ଗରେ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ। ବେଦାନ୍ତ ଝାରସୁଗୁଡାର ସାମଗ୍ରିକ ସମ୍ପ୍ରଦାୟ ବିକାଶ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ପ୍ରତିଷ୍ଠିତ ବେଦାନ୍ତ ମାର୍ଶାଲ୍ ଆର୍ଟସ୍ ତାଲିମ କେନ୍ଦ୍ର, ନିକଟସ୍ଥ ସମ୍ପ୍ରଦାୟର ପିଲା ଏବଂ ଯୁବକମାନଙ୍କ ପାଇଁ କରାଟେ ଏବଂ ଅନ୍ୟାନ୍ୟ ମାର୍ଶାଲ୍ ଆର୍ଟରେ ସଂରଚିତ ତାଲିମ ପ୍ରଦାନ କରେ। ପ୍ରମାଣିତ ପ୍ରଶିକ୍ଷକ, ନିୟମିତ ପ୍ରଶିକ୍ଷଣ ଅଧିବେଶନ ଏବଂ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ସୁଯୋଗ ସହିତ, ଏହି କାର୍ଯ୍ୟକ୍ରମ ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ଏବଂ ଆତ୍ମବିଶ୍ୱାସକୁ ପୋଷଣ କରେ, ଯେତେବେଳେ ଏହି ଅଂଚଳରେ ଏକ ଦୃଢ଼ କ୍ରୀଡା ଇକୋସିଷ୍ଟମ ସୃଷ୍ଟି କରିଛି।

## ଶିଶିର ସରସ ମେଳାରେ ୩୦ କୋଟି ଟଙ୍କାର ରେକର୍ଡ ବିକ୍ରି

**ଭୁବନେଶ୍ୱର, ୨୦।୧ (ନି.ପ୍ର):** ଓରମାସ ଓ ସୁଭଦ୍ରା ଶକ୍ତିର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ପଡ଼ିଆ ଜାନୁୟାରୀ ୧୦ ତାରିଖରୁ ଆରମ୍ଭ ହୋଇଥିବା ଶିଶିର ସରସ ମେଳା-୨୦୨୬ ଆଜି ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଛି, ଯାହା ଏହାର ଇତିହାସରେ ସବୁଠାରୁ ସଫଳ ଅଧ୍ୟାୟ ଭାବେ ପରିଗଣିତ ହୋଇଛି। ଚଳିତ ବର୍ଷ ଏହି ମେଳା ମୋଟ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର କରି ଏକ ଅସାଧାରଣ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ସଫଳତା ବିଗତ ବର୍ଷର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି, ଯାହା ସ୍ଥାନୀୟ ଉତ୍ପାଦ ପ୍ରତି ଗ୍ରାହକଙ୍କ ବଢୁଥିବା ଚାହିଦା ଏବଂ ଗ୍ରାମୀଣ କାରିଗର ତଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କ ଜୀବିକାରେ ଏକ ବଡ଼ ପରିବର୍ତ୍ତନକୁ ସୂଚାଉଛି। ଅଭୁତପୂର୍ବ ଅଂଶଗ୍ରହଣ ଏବଂ ଉପଯୁକ୍ତ ପ୍ରଚାର ପ୍ରସାର ଯୋଗୁଁ ଏହି ମେଳା ବ୍ୟାପକ ସଫଳତା ହାସଲ କରିଛି। ଚଳିତ ବର୍ଷ ସର୍ବାଧିକ ୪୦୦ଟି ଷ୍ଟଲ୍ ସ୍ଥାନିତ ହୋଇଥିଲା, ଯେଉଁଥିରେ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟର ଫୁଡ୍ କୋର୍ଟ ମଧ୍ୟ ସାମିଲ ଥିଲା। ମେଳାର ବ୍ୟାପକ ପ୍ରଚାର ପାଇଁ ରାଜଧାନୀର ସମସ୍ତ ସିନେମା ହଲ୍‌ରେ



ଶିଶିର ସରସ ମେଳାର ପ୍ରମୋସନାଲ ଭିଡ଼ିଓ, ରେଡ଼ିଓ, ଟିଭି, ଖବରକାଗଜରେ ସ୍ୱତନ୍ତ୍ର ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ଜଣାଶୁଣା ଇନ୍‌ଫ୍ଲୁଏନ୍ସରଙ୍କ ଭିଡ଼ିଓରେ ହୋଇଥିବା ପ୍ରଚାର ପ୍ରସାର ଯୋଗୁ ଲୋକଙ୍କ ନିକଟରେ ପହଞ୍ଚି ପାରିଥିଲା, ଯାହା ଫଳରେ ୧୧ ଦିନରେ ୫ ଲକ୍ଷରୁ ଅଧିକ ଲୋକ ମେଳା ପରିଦର୍ଶନ କରି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଛନ୍ତି।

ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖି ୨୦୨୬ ସଂସ୍କରଣରେ ଅନେକ ପଦକ୍ଷେପ ପ୍ରଥମ ଥର ପାଇଁ ଗ୍ରହଣ କରାଯାଇଥିଲା। ମେଳା ଇତିହାସରେ ପ୍ରଥମ ଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନୂତନ ଉଦ୍ୟୋଗୀମାନଙ୍କ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଏବଂ ଆଧୁନିକ ମାର୍କେଟିଂ ଉପରେ ଦୈନିକ କର୍ମଶାଳା ଆୟୋଜନ କରାଯାଇଥିଲା। ଏହା ସହିତ ଏକ ସ୍ୱତନ୍ତ୍ର 'କିଡ୍ସ ଜୋନ୍' ସ୍ଥାନିତ କରାଯାଇଥିଲା, ଯାହା ଏହି ପ୍ରଦର୍ଶନୀକୁ ପରିବାର ପାଇଁ ଏକ ଆକର୍ଷଣୀୟ ସ୍ଥଳରେ ପରିଣତ କରିଥିଲା। ଓଡ଼ିଶାର ସମୃଦ୍ଧ ହସ୍ତତ'କୁ ଆଧୁନିକ ସମାଜରେ ପହଞ୍ଚାଇବା ପାଇଁ ପ୍ରଥମ ଥର ପାଇଁ ଏକ ଅଭିନବ ଫ୍ୟାଶନ୍ ଶୋ 'ସ୍ୱ-ତନ୍ତ' ମଧ୍ୟ ଆୟୋଜିତ ହୋଇଥିଲା। ଏଥିସହ ମକର ସଂକ୍ରାନ୍ତି ଅବସରରେ ଏକ ସ୍ୱତନ୍ତ୍ର 'କାଇଟ୍ ଶୋ' ମେଳା ପରିସରରେ ଆୟୋଜନ କରାଯାଇଥିଲା।

## ଖୋର୍ଦ୍ଧାରେ ପାଇକ ଆଖଡ଼ାକୁ ଉଷା ପକ୍ଷରୁ ସମର୍ଥନ

**ଭୁବନେଶ୍ୱର, ୨୦।୧ (ନି.ପ୍ର) :** ଭାରତର ସବୁଠାରୁ ସମ୍ମାନିତ ଉପଭୋକ୍ତା ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ଉଷା, ଖୋର୍ଦ୍ଧାର ବିଜେବି ହାଇସ୍କୁଲ ପଡ଼ିଆରେ ଆୟୋଜିତ ପାରମ୍ପରିକ ଓଡ଼ିଆ ସାମରିକ କଳା ଉତ୍ସବ ପାଇକ ଆଖଡ଼ା କାର୍ଯ୍ୟକ୍ରମକୁ ସମର୍ଥନ କରିଛି। ପାଇକ ଆଖଡ଼ା କାର୍ଯ୍ୟକ୍ରମରେ ଗ୍ରାମୀଣ ଯୁବପିଢ଼ି ଏବଂ ମହିଳାମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ଆଦିବାସୀ ସାମରିକ ପରମ୍ପରାକୁ ସଂରକ୍ଷଣ କରିବାର ଗୁରୁତ୍ୱ ଉପରେ ଜୋର୍ ଦିଆଯାଇଛି। ଗ୍ରାମ ଉତ୍ଥାନ, ଓଡିଶା ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ବ୍ୟକ୍ତି ଏବଂ ଆଠଟି ପାଇକ ଆଖଡା ଦଳ (ଯେଉଁଥିରେ ୭୦ ଜଣ କଳାକାର ଥିଲେ) ଅଂଶଗ୍ରହଣ କରିଥିଲେ, ଯେଉଁମାନେ ବିଭିନ୍ନ ବିଭାଗରେ ଏକସଙ୍ଗେ ସାମରିକ କଳା ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ସୈନ୍ୟବାହିନୀରେ ଏକ ସମର୍ପିତ ମହିଳାଙ୍କ ଦଳ ଏବଂ ଏକ ଶିଶୁ ଦଳ ସାମିଲ ଥିଲେ, ଯାହା ଏହି ପୁରୁଣା କଳାର ବିକାଶ, ଅନ୍ତର୍ଭୁକ୍ତ ଚରିତ୍ରକୁ ଉଜାଗର କରିଥିଲା। ପାଇକ ଆଖଡ଼ା ଦଳ ଏବଂ ବିଭିନ୍ନ ବିଭାଗର କଳାକାରମାନଙ୍କୁ ସେମାନଙ୍କର ଦକ୍ଷତା, ଶୃଙ୍ଖଳା ଏବଂ ପାରମ୍ପରିକ କୌଶଳ ପାଳନକୁ ସ୍ୱୀକୃତି ଦେଇ ପୁରସ୍କୃତ କରାଯିବା ସହିତ ଏହି କାର୍ଯ୍ୟକ୍ରମର ସମାପ୍ତି




ହୋଇଥିଲା। ଗମେଶ୍ୱର ପ୍ରଥମ ପୁରସ୍କାର ପାଇଥିଲେ, ତା'ପରେ ମାଆ ବରୁଣେଇ ଦ୍ୱିତୀୟ ସ୍ଥାନ ପାଇଥିଲେ, ଯେତେବେଳେକି ଏନଲାଇ ତୃତୀୟ ପୁରସ୍କାର ଜିତିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ, ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ ପ୍ରମୁଖ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରୟାସ ବିଷୟରେ କହିବାକୁ ଯାଇ, ଉଷା ଇଂଟରନ୍ୟାସନାଲର କ୍ରୀଡା ପଦକ୍ଷେପ ଏବଂ ସଂଘ ମୁଖ୍ୟ ଶ୍ରୀମତୀ କୋମଲ୍ ମେହରା କହିଛନ୍ତି, 'ପାଇକ ଆଖଡ଼ା ଏକ ଶକ୍ତିଶାଳୀ ଅଭିବ୍ୟକ୍ତି - ନୃତ୍ୟ ଏବଂ ଯୁଦ୍ଧ କୌଶଳର ମିଶ୍ରଣ। ଏପ୍ରକାରର ସ୍ୱଦେଶୀ କ୍ରୀଡାକୁ ସମର୍ଥନ କରି, ଆମେ ଐତିହାସିକ ଐତିହ୍ୟକୁ ଜୀବନ୍ତ ପରମ୍ପରା ଭାବରେ ସଂରକ୍ଷଣ କରିବାରେ ସାହାଯ୍ୟ କରିବା ଏବଂ ଅନ୍ତର୍ଭୁକ୍ତିକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ, କାରଣ ଏହା ପିଢ଼ି ମଧ୍ୟରେ ସଂଯୋଗ ଏବଂ ସାମୁଦାୟିକ କଲ୍ୟାଣକୁ ଆହୁରି ସୁଦୃଢ଼ କରିଥାଏ। ସେହିଭଳି ଜିଲ୍ଲା ପାଇକ ଆଖଡ଼ା ସଂଘର ସଭାପତି ଶ୍ରୀ କେଦାରନାଥ ପ୍ରଧାନ କହିଛନ୍ତି, 'ପାଇକ ଆଖଡ଼ା ଓଡ଼ିଶାର ଇତିହାସ, ସାହସ ଏବଂ ଦେଶପ୍ରେମର ଏକ ଜୀବନ୍ତ ଅଭିବ୍ୟକ୍ତି। ଉଷା ଭଳି ସଂଗଠନର ସମର୍ଥନ ଏହି ଐତିହ୍ୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରୁଛି, ଯେତେବେଳେକି ଯୁବପିଢ଼ି ଏବଂ ମହିଳାମାନଙ୍କୁ ଆମର ପାରମ୍ପରିକ ସମର କଳାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରୁଛି।' ଏହା ସହିତ ଜାତୀୟ ସ୍ତରୀୟ ପର୍ଫର୍ମର୍ ଏବଂ କୋଚ୍ ଅଶୋକ ପାଲଟାସିଂହ ମଧ୍ୟ ନିଜର ଉତ୍ସାହ ବ୍ୟକ୍ତ କରିଛନ୍ତି।

ସମସ୍ତ ୮ଟି ଦଳ ସେମାନଙ୍କର ବିଶେଷ କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ, ଏବଂ ପ୍ରଦର୍ଶନକୁ ଦର୍ଶକମାନେ ପ୍ରଶଂସା କରିଥିଲେ। ଏହି ଦଳଗୁଡ଼ିକ ଖୋର୍ଦ୍ଧା ଜିଲ୍ଲାର ତିନୋଟି ବ୍ଲକରୁ ଆସିଥିଲେ ଏବଂ ସେମାନେ ସମଗ୍ର ଭାରତରେ ପ୍ରଦର୍ଶନ କରନ୍ତି ଏବଂ ସାରା ଭାରତରେ ପାରମ୍ପରିକ କ୍ରୀଡ଼ାକୁ ପ୍ରୋତ୍ସାହିତ କରନ୍ତି। ପାଇକ ଆଖଡା ପ୍ରତି ନିଜର ସମର୍ଥନ ସହିତ, ଉଷା ଭାରତର ସାମରିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ସାମୁଦାୟିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପାରମ୍ପରିକ କ୍ରୀଡା ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଛି। ଏହି ସଂଘ ସାରା ଦେଶରେ ସମସ୍ତଙ୍କୁ ନେଇ ଚାଲୁଥିବା ଖେଳଗୁଡ଼ିକ ପାଇଁ ଉଷା'ର ଅବ୍ୟାପକ ସମର୍ଥନ ସହିତ ସମନ୍ୱିତ, ଯେଉଁଥିରେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଂଚାଇଜ୍ ସହିତ ଏହାର ସମ୍ପର୍କ, ଅଲ୍ଟିମେଟ୍ ଫ୍ଲାଇଂ ଡିସ୍କ, ଗଲ୍ଫ, ସ୍ୱତନ୍ତ୍ର ଭାବରେ ସକ୍ଷମଙ୍କ ପାଇଁ କ୍ରିକେଟ୍, ଦୃଷ୍ଟିହୀନଙ୍କ ପାଇଁ କ୍ରୀଡ଼ା - ଏଥଲେଟିକ୍ସ, କବାଡି, ଜୁଡୋ ଏବଂ ପାୱାରଲିଫ୍ଟିଂ - ସହିତ କାଲାରି, ମଲ୍ଲଖମ୍ବ, ସିଆତ୍ ଖନାମ୍, ଥାଙ୍ଗ-ଟା, ସାଜ୍-ଲୌଙ୍ଗ ଏବଂ ସଟୋଲିଆ (ପିଥୁ) ଭଳି ଆଂଚଳିକ ଖେଳ ଅନ୍ତର୍ଭୁକ୍ତ।

## ଇଣ୍ଡସ୍ ଟାୱାର୍ସର ବୃକ୍ଷରୋପଣ ଏବଂ ଜୀବିକା କାର୍ଯ୍ୟକ୍ରମ ଓଡ଼ିଶାରେ ଜଳବାୟୁ ସ୍ଥିରତା ଏବଂ ଗ୍ରାମୀଣ ସମୃଦ୍ଧିକୁ ବିକଶିତ କରୁଛି

**ଭୁବନେଶ୍ୱର, ୨୦।୧ (ନି.ପ୍ର):** ବିଶ୍ୱର ସର୍ବବୃହତ ଟେଲିକମ୍ ଭିତ୍ତିଭୂମି କମ୍ପାନୀ ମଧ୍ୟରୁ ଗୋଟିଏ, ଇଣ୍ଡସ୍ ଟାୱାର୍ସ ଲିମିଟେଡ୍, ସଷ୍ଟେନେବଲ୍ ଗ୍ରୀନ୍ ଇନିସିଏଟିଭ୍ ଫାଉଣ୍ଡେସନ୍ (ଏସଜିଆଇଏଫ୍) ସହିତ ମିଳିତ ଭାବରେ, ସମଗ୍ର ଓଡ଼ିଶାରେ ଏକ ପ୍ରମୁଖ ବୃକ୍ଷରୋପଣ ପ୍ରୟାସ ମାଧ୍ୟମରେ ପରିବେଶ ପୁନରୁଦ୍ଧାର ଏବଂ ଗ୍ରାମୀଣ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହାର ପ୍ରମୁଖ ସିଏସଆର କାର୍ଯ୍ୟକ୍ରମ ପ୍ରଗତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରି, ଇଣ୍ଡସ୍ ଟାୱାର୍ସ କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କ କ୍ଷେତରେ ୪୪,୦୦୦ ଫଳ ଫଳୁଥିବା ଗଛ ରୋପଣକୁ ସହଜ କରିଛି, ଯାହା ରାଜ୍ୟର ଜଳବାୟୁ-ସମ୍ବେଦନଶୀଳ ଅଞ୍ଚଳରେ ପରିବେଶ ପୁନରୁଦ୍ଧାର ଏବଂ ଜୀବିକା ବୃଦ୍ଧିକୁ ସମର୍ଥନ କରୁଛି।

ଏହି ପଦକ୍ଷେପ ଭାରତ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟ ଯୋଜନା ଏବଂ ଗ୍ରୀନ୍ ଇଣ୍ଡିଆ ମିଶନ (ଜିଆଇଏମ୍) ସହିତ ଘନିଷ୍ଠ ଭାବରେ ସମନ୍ୱିତ। ଦୀର୍ଘକାଳୀନ ଉଦ୍ୟାନ ବିକାଶ ଏବଂ ଇକୋସିଷ୍ଟମ ପୁନରୁଦ୍ଧାର ଉପରେ ଧ୍ୟାନ ଦେଇ, ଏହି କାର୍ଯ୍ୟକ୍ରମ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା, ମାଟି ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଏବଂ ଗ୍ରାମୀଣ ପରିବାର ପାଇଁ ଆୟ ସ୍ରୋତ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ବୈଜ୍ଞାନିକ ରୋପଣ ପଦ୍ଧତି, ଦୃଢ଼ ତଦାରଖ ଏବଂ ଗଭୀର ସମ୍ପ୍ରଦାୟ ଅଂଶଗ୍ରହଣ ସହିତ ରୋପଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା, ଯାହା ନିଶ୍ଚିତ କରିଥିଲା ଯେ ଚାଷୀମାନେ ଏହି ବଗିଚାଗୁଡ଼ିକୁ ସ୍ଥାୟୀ ଜୀବିକା ସମ୍ପଦ ଭାବରେ ପାଳନ କରିବା ପାଇଁ ଆବଶ୍ୟକ ଜ୍ଞାନ, କୌଶଳ ଏବଂ ସମର୍ଥନ ସହିତ ସଜ୍ଜିତ।

ଏହି ପଦକ୍ଷେପ ବିଷୟରେ ଇଣ୍ଡସ୍ ଟାୱାର୍ସ ଲିମିଟେଡର ସିଓଓ ତେଜିନ୍ଦର କାଲରା କହିଛନ୍ତି, ଇଣ୍ଡସ୍ ଟାୱାର୍ସରେ, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଛୁ ଯେ ପରିବେଶଗତ ସୁସ୍ଥତା ଏବଂ ସମ୍ପ୍ରଦାୟ ସମୃଦ୍ଧି ଏକତ୍ର ଅଗ୍ରଗତି କରିବା ଉଚିତ। ଓଡ଼ିଶାରେ ଆମର ରୋପଣ କାର୍ଯ୍ୟକ୍ରମ ଏହି ଦର୍ଶନକୁ କାର୍ଯ୍ୟରେ ପ୍ରତିଫଳିତ କରେ - ଏହା ସହିତ ବୈଜ୍ଞାନିକ ପଦ୍ଧତି, ତୃଣମୂଳ ସ୍ତରର ଅଂଶଗ୍ରହଣ ଏବଂ କ୍ଷମତା ନିର୍ମାଣକୁ ମିଶ୍ରଣ କରିଥାଏ। କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀମାନଙ୍କୁ ଫଳଦାୟକ ଗଛ ସ୍ଥାପନ କରିବାରେ ସାହାଯ୍ୟ କରି, ଆମେ କେବଳ ଜଳବାୟୁ ସ୍ଥିରତାରେ ଯୋଗଦାନ ଦେଉନାହୁଁ ବରଂ ଗ୍ରାମୀଣ ପରିବାର ପାଇଁ ଆୟର ସ୍ଥିର ଏବଂ ସ୍ଥାୟୀ ରାସ୍ତା ସୃଷ୍ଟି କରୁଛୁ। ଏକ ସବୁଜ, ଅଧିକ ସ୍ଥିର ଭବିଷ୍ୟତ ଗଠନରେ ସମଗ୍ର ଭାରତରେ ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତା ରହିଛି। ଚାଷୀମାନଙ୍କୁ ଉନ୍ନତ ଉଦ୍ୟାନ କୃଷି ପ୍ରଣାଳୀ ଏବଂ ସ୍ଥିର ଇକୋସିଷ୍ଟମ ପରିଚାଳନା ଗ୍ରହଣ କରିବାକୁ ସକ୍ଷମ କରିବା ଉପରେ ଧ୍ୟାନ ଦେଇ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଏହି ପଦକ୍ଷେପ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପରିବାର ସ୍ତରୀୟ ରୋପଣରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା।

## ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ 'ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ଜାରି

**ଭୁବନେଶ୍ୱର, ୨୦।୧ (ନି.ପ୍ର) :** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ), ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ, ଏହାର 'ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ (୨୦୨୬-୨୮) ପାଇଁ ଆବେଦନ ଜାରି ରହିଛି। ଏହି କାର୍ଯ୍ୟକ୍ରମ କର୍ପୋରେଟ୍, ମିଡିଆ, କନସଲ୍ଟିଂ ଏବଂ ପବ୍ଲିକ୍ ପଲିସି କ୍ଷେତ୍ରରେ ଦକ୍ଷ କମ୍ୟୁନିକେସନ୍ ମ୍ୟାନେଜରଙ୍କ ଉଚ୍ଚ ଚାହିଦାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ, ଅନୁଶାସନମୂଳକ ଶିକ୍ଷା, ଅନୁଭବ ଆଧାରିତ ଶିକ୍ଷଣ ଏବଂ କ୍ଷମତା-ଆଧାରିତ ଫଳାଫଳକୁ ଗୁରୁତ୍ୱ ଦେଇ, ବିଜିୟୁ ଏହାର ପ୍ରବନ୍ଧନ ଶିକ୍ଷା ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଯେଉଁଠାରେ କମ୍ୟୁନିକେସନ୍ ଆଧାରିତ ନେତୃତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। 'ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବ୍ରାଣ୍ଡ କମ୍ୟୁନିକେସନ୍, କର୍ପୋରେଟ୍ କମ୍ୟୁନିକେସନ୍ ପ୍ରବନ୍ଧନ, ସଙ୍କଟ ପରିଚାଳନା, ମିଡିଆ ପରିଚାଳନା ଏବଂ ଡିଜିଟାଲ କମ୍ୟୁନିକେସନ୍ ଭଳି ଦ୍ରୁତ ବଦଳୁଥିବା କ୍ଷେତ୍ରଗୁଡ଼ିକୁ ସଫଳତାର ସହିତ ସମ୍ଭାଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ସମ୍ମିଳିତ କମ୍ୟୁନିକେସନ୍ ପାଠ୍ୟକ୍ରମ: ପ୍ରବନ୍ଧନର ମୂଳ ଧାରଣା ସହ କର୍ପୋରେଟ୍ କମ୍ୟୁନିକେସନ୍, ବ୍ରାଣ୍ଡିଂ, ବିଜ୍ଞାପନ, ପବ୍ଲିକ୍ ରିଲେସନ୍ସ, ଡିଜିଟାଲ ମିଡିଆ କୌଶଳ ଏବଂ କଣ୍ଟେଣ୍ଟ ମ୍ୟାନେଜମେଣ୍ଟର ସମନ୍ୱୟ। ଡିଜିଟାଲ-ପ୍ରଥମ ଆଭିମୁଖ୍ୟ: ଡିଜିଟାଲ ଖବର, ଡିଜିଟାଲ ଟୁଲ୍‌ର ବ୍ୟବହାର, ସୋସିଆଲ ମିଡିଆ କୌଶଳ, ଡାଟା-ଆଧାରିତ କମ୍ୟୁନିକେସନ୍ ଏବଂ ଉଦୟମାନ ପ୍ରଯୁକ୍ତିରେ ଗୁରୁତ୍ୱ। ଉଦ୍ୟୋଗ-ସମନ୍ୱିତ ଶିକ୍ଷା: ଉଦ୍ୟୋଗ ବିଶେଷଜ୍ଞ, ମିଡିଆ ପେଶାଜୀବୀ ଏବଂ ଆଗଧାଡ଼ିର କମ୍ୟୁନିକେସନ୍ ନେତୃତ୍ୱଙ୍କର ମତାମତ ଆଧାରରେ ପାଠ୍ୟକ୍ରମ ପ୍ରସ୍ତୁତ।

## ନୂତନ ଲୁକ୍‌ରେ ଚେତକ ସି୨୫

**ଭୁବନେଶ୍ୱର, ୨୦।୧ (ନି.ପ୍ର) :** ବିଶ୍ୱର ସବୁଠାରୁ ମୂଲ୍ୟବାନ ଦୁଇ ଚକିଆ ଏବଂ ତିନି ଚକିଆ କମ୍ପାନୀ ବଜାଜ ଅଟୋ ଲିମିଟେଡ ଆଜି ସମ୍ପୂର୍ଣ୍ଣ ନୂତନ ଚେତକ ସି୨୫ର ବଜାର ପ୍ରବେଶ କରିବାକୁ ଘୋଷଣା କରିଛି, ଯାହା ଚେତକ ପୋର୍ଟଫୋଲିଓରେ ଏକ ଷ୍ଟାଇଲିସ, ସୁଗଠିତ ଏବଂ ତାରୁଣ୍ୟରେ ଭରପୁର ଏକ ନୂତନ ସଂଯୋଜନ ଅଟେ। ସହଜ ଗତିଶୀଳତା ପାଇଁ ଡିଜାଇନ କରାଯାଇଥିବା ଏହି ସି୨୫ ମଡେଲଟି ମୂଳ ଚେତକ ଡିଏନ୍‌ଏର ସ୍ଥାୟୀତ୍ୱ, ଦୃଢ଼ତା ଏବଂ ନିର୍ଭରଯୋଗ୍ୟତା ବଜାୟ ରଖିବା ସହିତ ବ୍ରାଣ୍ଡ ମଧ୍ୟରେ ଏକ ଆଧୁନିକ ତଥା ଆକର୍ଷଣୀୟ ରୂପ ନେଇଆସିଛି। ଏହା ଏକ ସ୍ୱଚ୍ଛନ୍ଦ ତଥା ଅନାୟାସ ରାଇଡିଂର ଅନୁଭୂତି ପ୍ରଦାନ କରେ ଯାହା ଦୈନନ୍ଦିନର ଯାତାୟାତକୁ ସହଜ ଏବଂ ସାବଲୀଳ କରିଥାଏ। ଚେତକ ସି୨୫ ମୂଲ୍ୟ ୯୧,୩୯୯/- ଟଙ୍କା ମୂଲ୍ୟରେ ସମସ୍ତ ଶୋରୁମ୍ ରେ ଉପଲବ୍ଧ। ସ୍କୁଟରର ବଜାର ପ୍ରବେଶ ଅବସରରେ ବଜାଜ ଅଟୋ ଲିମିଟେଡର ଅର୍ବାନାଇଟ ବିଜନେସର ଅଧ୍ୟକ୍ଷ ଏରିକ ଭାସ କହିଛନ୍ତି, 'ଚେତକ ସି୨୫ ହେଉଛି ବର୍ତ୍ତମାନ ସମୟରେ ସହରାଂଚଳର ପରିବର୍ତ୍ତିତ ଯାତାୟାତ ପଦ୍ଧତି - ଛୋଟ ଟ୍ରିପ, ସରୁ ରାସ୍ତା ଏବଂ ସ୍ୱାଧୀନ ଭାବରେ ଚଳପ୍ରଚଳ କରିବାର ବର୍ଦ୍ଧିତ ଆବଶ୍ୟକତାର ଏକ ପ୍ରତିଫଳନ। ଯଦିଓ ଏହା ଦେଖିବାକୁ କମ୍ପାକ୍ଟ ଏବଂ ଆଧୁନିକ, ଏହାର ମୂଳ ଭିତ୍ତି ହେଉଛି ଚେତକର ସେହି ଚିରାଚରିତ ଦୃଢ଼ତା, ସ୍ଥାୟୀତ୍ୱ ଏବଂ ନିର୍ଭରଯୋଗ୍ୟତା। ପିଢ଼ି ପରେ ପିଢ଼ି ଧରି ବ୍ରାଣ୍ଡର ପ୍ରତିଷ୍ଠିତ ବିଶ୍ୱାସ ଏବଂ ନିର୍ଭରଯୋଗ୍ୟତା ସହ କୌଣସି ସାଲିସ ନକରି ଆମେ ସି୨୫ ମାଧ୍ୟମରେ ଚେତକ ପୋର୍ଟଫୋଲିଓକୁ ତରୁଣ ପ୍ରଜନ୍ମଙ୍କ ପାଖରେ ପହଂଚାଇବାକୁ ଚାହୁଁଛୁ ଯେଉଁମାନେ ଶୀଘ୍ର ଯାତାୟାତ କରିବାକୁ ପସନ୍ଦ କରନ୍ତି।

## ଏସବିଆଇ ଲାଇଫ ସ୍ପେଲ ବିର ଗ୍ରାଣ୍ଡ ଫିନାଲେ ସଫଳତାର ସହ ଅନୁଷ୍ଠିତ

**ଭୁବନେଶ୍ୱର, ୨୦।୧ (ନି.ପ୍ର):** ଭାରତର ଅନ୍ୟତମ ପ୍ରମୁଖ ବନାନ (ସ୍ପେଲିଂ) ପ୍ରତିଯୋଗିତା ଏସବିଆଇ ଲାଇଫ ସ୍ପେଲ ବିର ଗ୍ରାଣ୍ଡ ଫିନାଲେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମିର୍ଚି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ୧୫ତମ ସଂସ୍କରଣ ସମାପନ ହୋଇଛି। ମୁମ୍ବାଇର ପୱାଇ ଅଂଚଳର ବମ୍ବେ ସ୍କଟିସ ସ୍କୁଲର ୧୧ ବର୍ଷୀୟ ଛାତ୍ର ଅଭିକ ଅଗ୍ରୱାଲ 'ଭାରତର ସ୍ପେଲ ମାଷ୍ଟର' ମୁକୁଟ ହାସଲ କରିଛନ୍ତି। ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତାରେ ଦେଶର ୩୦୦ ସ୍କୁଲରୁ ୧.୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଗ୍ରାଣ୍ଡ ଫିନାଲେକୁ ଟେଲିଭିଜନ ଉପସ୍ଥାପିକା, ଅଭିନେତ୍ରୀ ତଥା ଫ୍ୟାସନ ଡିଜାଇନର ଶ୍ରୀମତୀ ମନ୍ଦିରା ବେଦୀ ପରିଚାଳନା କରିଥିଲେ। ଏଥିରେ ବନାନ ସଠିକତା, ଶବ୍ଦାବଳି ଓ ଉପସ୍ଥିତ ବୁଦ୍ଧିକୁ ନେଇ ଅନେକ ପ୍ରତିଯୋଗିତାପୂର୍ଣ୍ଣ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ନୌର ଦି ମିଲେନିୟମ ସ୍କୁଲର ୧୩ ବର୍ଷୀୟ ଛାତ୍ର କୁଷାଗ୍ର ପାଣ୍ଡେ ପ୍ରଥମ ରନର୍ସ-ଅପ ହୋଇଥିବା ବେଳେ ଜୟପୁରର ପ୍ରତାପ ନଗରରେ ଥିବା ଭାରତୀୟ ବିଦ୍ୟା ଭବନର ୧୩ ବର୍ଷୀୟ ଜାସ୍ମିନ ଜୋୱାଲ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ।

ଜାତୀୟ ବିଜେତା ଅଭିକ ଅଗ୍ରୱାଲଙ୍କୁ ୧,୦୦,୦୦୦ ଟଙ୍କାର ନଗଦ ରାଶି ପୁରସ୍କାର ଦିଆଯାଇଥିବା ବେଳେ ହଂକଂର ଡିଜନିଲ୍ୟାଣ୍ଡକୁ ଯିବା ପାଇଁ ତାଙ୍କର ସବୁ ଖର୍ଚ୍ଚକୁ ବହନ କରାଯିବ। ଚଳିତ ସଂସ୍କରଣର ବିଷୟବସ୍ତୁ ଥିଲା 'ବି ସ୍ପେଲିଓନେୟାର' ଯାହା ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ଜ୍ଞାନ ଓ ଭାଷା ଦକ୍ଷତାକୁ ଦୀର୍ଘକାଳୀନ ମୂଲ୍ୟ ଭାବେ ଉପସ୍ଥାପନ କରିଥିଲା।




ଛାତ୍ରଛାତ୍ରୀଙ୍କ ମନରେ ବିଶ୍ୱାସ ଗଢ଼ିବା, ଭାବ ପ୍ରକାଶରେ ସ୍ପଷ୍ଟତା ଓ ଗୁରୁତ୍ୱପୂର୍ଣ୍ଣ ଭାବନାରେ ବନାନ ଓ ଶବ୍ଦାବଳିର ଭୂମିକାକୁ ତାହା ଦର୍ଶାଇଥିଲା। ଏହି ଅଭିଯାନ ଜରିଆରେ ଏସବିଆଇ ଲାଇଫ ଏକ ଢ଼ାଂଚାଗତ ପ୍ଲାଟଫର୍ମ ପ୍ରଦାନ କରିଛି ଯାହା ଶ୍ରେଣୀ ଗୃହ ବାହେଲରେ ଶିକ୍ଷାଦାନକୁ ଉତ୍ସାହିତ କରୁଥିବା ବେଳେ ଆମ ଭବିଷ୍ୟତର ଲିଡରମାନଙ୍କ ସାମଗ୍ରିକ ବିକାଶକୁ ସମର୍ଥନ କରୁଛି। ଏସବିଆଇ ଲାଇଫ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ଶ୍ରୀ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, 'ଜ୍ଞାନ ଓ ପ୍ରତିଭାକୁ ବଢ଼ାଉଥିବା ନୂଆ ଶବ୍ଦ ବିଷୟରେ ଅବଗତ କରି ଓ ଶବ୍ଦାବଳୀକୁ ସମୃଦ୍ଧ କରି ଆମ ଭବିଷ୍ୟତର ଲିଡରମାନଙ୍କ ପାଇଁ ବୌଦ୍ଧିକ ସଂପତି ସୃଷ୍ଟି କରିବାରେ ଆମ ଉଦ୍ୟମକୁ ଏସବିଆଇ ଲାଇଫ ସ୍ପେଲ ବିର ବିଷୟବସ୍ତୁ 'ବି ସ୍ପେଲିଓନେୟାର' ପ୍ରତିଫଳିତ କରୁଛି। ଭାଷାର ଏହି ବଢୁଥିବା ସମୃଦ୍ଧତା ବିଶ୍ୱାସ ଓ ସ୍ପଷ୍ଟତା ବଢ଼ାଉଥିବା ବେଳେ ଯୁବ ସ୍ପେଲିଓନେୟାରମାନଙ୍କୁ ଦେଶ ଓ ନିଜ ପାଇଁ ଏକ ଉତମ ଭବିଷ୍ୟତ ଗଢ଼ିବା ଲାଗି ସେମାନଙ୍କ ଭାବନା ଓ ଲକ୍ଷ୍ୟ ପରିପ୍ରକାଶ କରିବାରେ ସଶକ୍ତ କରୁଛି। ଏସବିଆଇ ଲାଇଫରେ ଆମେ ପ୍ରଗତିର ଭାବକୁ 'ନିଜ ପାଇଁ ନିଜର ଲୋକମାନଙ୍କ ପାଇଁ' ଭାବେ ବର୍ଣ୍ଣନା କରୁଛୁ। ଏସବିଆଇ ଲାଇଫ ସ୍ପେଲ ବି ଭଳି ପ୍ଲାଟଫର୍ମ ଆଗ୍ରହ, ପ୍ରତିଯୋଗିତା ଓ ବିଶ୍ୱାସ ଭଳି ଗୁଣ ଜରିଆରେ ଯୁବ ଶିକ୍ଷାର୍ଥୀମାନଙ୍କୁ ଯୋଡୁଛି ଯାହା ଏକ ବିଶ୍ୱାସନୀୟ ଦେଶ ଗଢ଼ିବା ଲାଗି ମୂଳଦୁଆ ଅଟେ। ଏସବିଆଇ ଲାଇଫ ସ୍ପେଲ ବିର ୧୫ତମ ସଂସ୍କରଣରେ ଦେଶବ୍ୟାପୀ ଉତ୍ସାହଜନକ ଅଂଶଗ୍ରହଣକୁ ନେଇ ଆମେ କୃତଜ୍ଞ ଏବଂ ପ୍ରତିଶ୍ରୁତିପୂର୍ଣ୍ଣ ପ୍ରଦର୍ଶନ ଆମ ଭବିଷ୍ୟତ ଲିଡରମାନଙ୍କ ସମ୍ଭାବନାର ଝଲକ ଦେଖାଉଛି। ଏସବିଆଇ ଲାଇଫ ସ୍ପେଲ ବି ସିଜନ ୧୫ର 'ସ୍ପେଲ ମାଷ୍ଟର ଅଫ ଇଣ୍ଡିଆ' ଅଭିକ ଅଗ୍ରୱାଲ କହିଛନ୍ତି ଯେ, ସାରା ଦେଶରୁ ଏତେ ସଂଖ୍ୟାରେ ପିଲାମାନଙ୍କୁ ଭେଟିବା ଉତ୍ସାହଜନକ ଥିଲା ଏବଂ ମୁଁ ଅନେକ ଅଭିଜ୍ଞତା ହାସଲ କରିଛି। ଏହି ସୁଯୋଗ ଓ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଆୟୋଜକଙ୍କ ନିକଟରେ ମୁଁ କୃତଜ୍ଞ।

ଏଂଟରନେଟମେଂଟ ନେଟୱର୍କ (ଇଣ୍ଡିଆ) ଲିମିଟେଡର ସିଇଓ ଶ୍ରୀ ଯତିସ ମେହରିଶି କହିଛନ୍ତି ଯେ, 'ସ୍ପେଲ ବିର ସିଜନ ୧୫ରେ ଦେଶର ଚମତ୍କାର ଯୁବ ବନାନକାରୀମାନଙ୍କୁ ଦେଖିବାକୁ ମିଳିଥିଲା। ନୂଆ ଗେମିଫାଏଡ ଫର୍ମାଟ ଓ ଚମତ୍କାର ଫିନାଲେ ଅନୁଭୂତି ଆମକୁ ଛାତ୍ରଛାତ୍ରୀମାନଙ୍କ ସହ ଅଧିକ ଗଭୀର ଭାବେ ଯୋଡ଼ିହେବାରେ ସହଯୋଗ କରିଥିଲା।

